KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No. BGR-02/2018-20

ବର୍ଷ - ୨୧ ■ ସଂଖ୍ୟା - ୦୫

Volum.-21 ■ Issue No.- 05

Sunday ■ Balangir

ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୦୬ ଡିସେମ୍ବର - ୧୨ ଡିସେମ୍ବର ୨୦୨୦ ● 06 Dec. - 12 Dec. 2020 ● Odia Weekly ● 8 Pages, Rs.2/- only

## ମମତା ବାନାର୍ଜୀଙ୍କୁ ରାଜ୍ୟପାଳ ଜଗଦୀପ ଧନକରଙ୍କ ଚେତାବନୀ : ଯଦି ମୁଖ୍ୟମନ୍ତ୍ରୀ ନିଜ ରାସ୍ତାରୁ ବିଚ୍ୟୁତ ହୁଅନ୍ତି, ତେବେ ମୋର ଦାୟିତ୍ୱ ଆରମ୍ଭ ହେବ




କୋଲକାତା : ଭାରତୀୟ ଜନତା ପାର୍ଟି ସଭାପତି ଜେପି ନଡାଙ୍କ ଉପରେ ହୋଇଥିବା ଆକ୍ରମଣର ଗୋଟିଏ ଦିନ ପରେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବିଧାନ ପାଳନ କରିବାକୁ ପଡିବ । ସେ ସମ୍ବିଧାନ ବାଟରୁ ଓହରି ପାରିବେ ନାହିଁ । ଦୀର୍ଘ ଦିନ ଧରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି । ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସେଗୁଡ଼ିକ ଆମର ଗଣତାନ୍ତ୍ରିକ ଉପରେ ଏକ କଳଙ୍କ ବୋଲି ସେ କହିଛନ୍ତି ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଗୁରୁବାର ରାଜ୍ୟପାଳ ଜଗଦୀପ ଧନଖର ଚେତାବନୀ ଦେଇ କହିଛନ୍ତି ଯେ, ଯଦି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବିଧାନ ଦ୍ୱାରା ଧାର୍ଯ୍ୟ ପଥରୁ ବିଚ୍ୟୁତ ହୁଅନ୍ତି, ତେବେ ମୋର ରାଜ୍ୟପାଳ ଦାୟିତ୍ୱ ଆରମ୍ଭ ହେବ । ରାଜ୍ୟପାଳ ଜଗଦୀପ ଧନଖର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭାରତର ଗଣତାନ୍ତ୍ରିକ ତଥା ସାମ୍ବିଧାନିକ ବ୍ୟବସ୍ଥା ବିରୁଦ୍ଧରେ କାର୍ଯ୍ୟ ନକରିବାକୁ ଅନୁରୋଧ କରିଛନ୍ତି । ସେ ଆଶା କରୁଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତାଙ୍କୁ ଧ୍ୟାନ ଦେବେ ।

ଗୁରୁବାର ଦିନ ପଶ୍ଚିମବଙ୍ଗ ଗସ୍ତରେ ଆସିଥିବା ଭାରତୀୟ ଜନତା ପାର୍ଟି ସଭାପତି ଜେପି ନଡ୍ଡାଙ୍କ କନଭେନ ଉପରେ ଆକ୍ରମଣ କରାଯାଇଥିଲା ଏବଂ ସେହି ଆକ୍ରମଣରେ ବିଜେପି ସାଧାରଣ ସମ୍ପାଦକ କୈଳାଶ ବିଜୟଭର୍ଗିଆ ଆହତ ମଧ୍ୟ ହୋଇଥିଲେ । ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣା ସମ୍ପର୍କରେ ରାଜ୍ୟପାଳ କହିଛନ୍ତି ଯେ, ଗତକାଲି ଘଟିଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହି ଘଟଣା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ଦୋଷ । ରାଜ୍ୟପାଳ କହିଛନ୍ତି ଯେ, ଯଦି ସେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଡିଜିପିଙ୍କୁ ଏହି ଘଟଣା ବିଷୟରେ ପ୍ରଶ୍ନ କରିଛନ୍ତି, ତେବେ ତାଙ୍କ ପକ୍ଷରୁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବାହାର ଲୋକଙ୍କ ଉପରେ ମମତା ବାନାର୍ଜୀଙ୍କ ବିବୃତ୍ତି ଉପରେ ରାଜ୍ୟପାଳ ମଧ୍ୟ ଆପତ୍ତି କରିଛନ୍ତି ।


## କୃଷକ ଆନ୍ଦୋଳନକୁ ନୈତିକ ସମର୍ଥନ ଦେଇ କୋଶଳ ରାଜ୍ୟ ସମନ୍ୱୟ ସମିତିର ପ୍ରତୀକାତ୍ମକ ଧାରଣା




ବଲାଙ୍ଗିର, (ନିପ୍ର) : ସର୍ବ ଭାରତୀୟ ସ୍ତରରେ ଆଜି କୃଷକମାନେ ବନ୍ଦର ଡ଼ାକରା ଦେଇଛନ୍ତି । ଏହି ଅବସରରେ କୋଶଳାଞ୍ଚଳର ଚାଷୀ ସଂଗଠନମାନେ ମଧ୍ୟ ଏହି ବନ୍ଦରେ ସାମିଲ ହୋଇଛନ୍ତି । ତେଣୁ କୋଶଳାଞ୍ଚଳର ଚାଷୀ ସଂଗଠନମାନଙ୍କୁ ନୈତିକ ସମର୍ଥନ ଦେବାକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ନିଷ୍ପତ୍ତି କରି ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ଦେଇଛି । କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତୀକାତ୍ମକ ଧାରଣାରେ କୋଶଳ ଆନ୍ଦୋଳନ ସହ ସମ୍ପର୍କିତ ବହୁ ବୁଦ୍ଧିଜୀବୀ, ସଂଗଠକ ଓ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସାରା ଭାରତର ଚାଷୀ ୧୯୪୭ ମସିହା ପରେ କ୍ରମାଗତ ଭାବରେ ଉପେକ୍ଷିତ ହୋଇ ଆସିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରିଥିବା ବିଭିନ୍ନ ସରକାର କେବଳ ରାଜନୀତି କରିବା ପାଇଁ ଚାଷୀର ନାଁ ନେଉଥିଲେ ମଧ୍ୟ ବାସ୍ତବରେ ସମସ୍ତେ ଚାଷୀ ବିରୋଧୀ ପଦକ୍ଷେପ ହିଁ ଗ୍ରହଣ କରିଛନ୍ତି । ବିଶେଷ କରି କୋଶଳାଞ୍ଚଳର ଚାଷୀର ଅବସ୍ଥା ଅବର୍ଣ୍ଣନୀୟ । ଲାଗ୍ ଲାଗ୍ ମରୁଡିର ଶିକାର ହୋଇ କୋଶଳାଞ୍ଚଳର ଚାଷୀ ବାଧ୍ୟ ହୋଇ ଦାଦନ ଖଟି ଯାଉଛନ୍ତି, ଅନାହାର ମୃତ୍ୟୁର ଶିକାର ହେଉଛନ୍ତି । ଗତ ତିନି ବର୍ଷ ମଧ୍ୟରେ ୩୦୦ରୁ ଅଧିକ ଚାଷୀ ଆତ୍ମହତ୍ୟା ଘଟଣା ଘଟିଥିଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଅନ୍ୟ ପକ୍ଷରେ କଟ୍‌ନି-ଛଟ୍‌ନି ବ୍ୟବସ୍ଥା କରି ଚାଷୀକୁ ଉଭୟ ମଣ୍ଡି ଓ ଦଲାଲ ଦ୍ୱାରା ଶୋଷଣ କରାଯାଇଛି । ଭୁବନେଶ୍ୱରରୁ ଟୋକନ୍ ଜାରି ବ୍ୟବସ୍ଥା କରାଯାଇଥିବାରୁ କୋଶଳାଞ୍ଚଳର ଚାଷୀ ଅବର୍ଣ୍ଣନୀୟ ଦୂରାବସ୍ଥାର ସମ୍ମୁଖୀନ ହେଉଛି । ଫଳତଃ ଚାଷୀ ବାଧ୍ୟ ହୋଇ ଅତି ଅଳ୍ପ ମୂଲ୍ୟରେ ତାର ଉତ୍ପାଦନ ସାମଗ୍ରୀ ବିକ୍ରି କରିବାକୁ ବାଧ୍ୟ ହେଉଛି । ଅନ୍ୟ ପକ୍ଷରେ ଗତ ଦୁଇ ବର୍ଷ ହେଲା ଇନସୁରେନ୍ସ୍ ଟଙ୍କା ନ ମିଳିବାରୁ ଚାଷୀ ଉପରେ ବେଢ଼ି ଉପରେ କୋରଡ଼ା ମାଡ଼ ଭଳି ଅବସ୍ଥା ହୋଇଛି । ତେଣୁ ଦେଶରେ ସର୍ବାଧିକ ନିର୍ଯ୍ୟାତନାର ଶିକାର ହେଉଥିବା କୋଶଳାଅଞ୍ଚଳର ଚାଷୀର ସମସ୍ୟା କେବଳ କୋଶଳ ରାଜ୍ୟ ଗଠନ ହେଲେ ଯାଇ ସମ୍ଭବ ହେବ ବୋଲି କୋଶଳବାଦୀ ନେତା ଶ୍ରୀ ମିଶ୍ର ମତ ଦେଇଛନ୍ତି । କୋଶଳ ଓ କୃଷକ ପରସ୍ପରର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ଥିବାରୁ କୋଶଳ ରାଜ୍ୟ ସମନ୍ୱୟ ସମିତି ଚାଷୀ ଆନ୍ଦୋଳନକୁ ସମର୍ଥନ କରୁଛି ବୋଲି ସମନ୍ୱୟ ସମିତିର ଅଧ୍ୟକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

ଏହି ପ୍ରତୀକାତ୍ମକ ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ବଲାଙ୍ଗିର ଜିଲ୍ଲା ସଭାପତି ବିକ୍ରମାନନ୍ଦ ବହିଦାର, କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ବିଭୁଦତ୍ତ ମିଶ୍ର, ବଲାଙ୍ଗିର ଯୋନ୍ ସଂଯୋଜକ ଶରତ ହୋତା, ବିଶିଷ୍ଟ ଶ୍ରମିକ ନେତା ରବିଶଙ୍କର ମିଶ୍ର, ବିଶିଷ୍ଟ କୋଶଳବାଦୀ ନେତା ରଣରାଜ ସିଂଦେଓ, ଶିକ୍ଷାବିତ୍ ଗୋପଭୂଷଣ ନାଥ, ନାରୀନେତ୍ରୀ ନିରୁପମା ଉଦ୍ଗାତା, ବନଲତା ମାଝୀ, କର୍ମଚାରୀ ନେତା ପୁଲିନ୍ ମିଶ୍ର, ଜ୍ୟୋତି ରଞ୍ଜନ ମହାନ୍ତି, ଯୁବନେତା ପ୍ରସନ୍ନ ନେଗୀ, ଅଚ୍ୟୁତ ସିପୁନ ଖମାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସଂଗଠକ ଯୋଗ ଦେଇଥିଲେ ।




## ବିଭିନ୍ନ ସଂଗଠନ ଦ୍ୱାରା 'ଭାରତ ବନ୍ଦ' ପାଟଣାଗଡ ଉପଖଣ୍ଡରେ ସଫଳ

ପାଟଣାଗଡ଼, (ନିପ୍ର) : ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନ ଆଜି ପୂରା ଦେଶ କୁ ବ୍ୟାପିଛି । କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବୀରେ ୪୦ରୁ ଅଧିକ ଅନେକ କୃଷକ ସଂଗଠନ ଚଳାଇଥିବା ଆନ୍ଦୋଳନରେ ଆଜି ସାମିଲ ହୋଇଛନ୍ତି ଅନେକ ଆଂଚଳିକ ସଂଗଠନ । ସେହି ପରିପ୍ରେକ୍ଷୀ ରେ ବଲାଙ୍ଗିର ଜିଲ୍ଲା ପ୍ରମୁଖ ସହର ପାଟଣାଗଡ ଉପଖଣ୍ଡରେ ମଧ୍ୟ ଭାରତ ବନ୍ଦକୁ ସଫଳ କରିଛନ୍ତି ଚାଷୀ ନେତା ଏବଂ ଅନେକ ସଂଗଠନର ସଭ୍ୟ । ପାଟଣାଗଡରେ ପ୍ରଦେଶ କଂଗ୍ରେସ ତରଫରୁ କିଶୋର ପରିଚ୍ଛା, ପ୍ରକାଶ ପୁରୋହିତ, ରମେଶ ବରିହା, ସିଦ୍ଧାର୍ଥ ମିଶ୍ର, ରଂଜିତ ସାହୁ, ଗୋବିନ୍ଦ ଦୀପ, ରମେଶ ପୁରୋହିତ ପ୍ରମୁଖ ବସଷ୍ଟାଣ୍ଡ ଠାରେ ପ୍ରତିବାଦ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଅନିଲ ମେହେରଙ୍କ ନେତୃତ୍ୱରେ ଚନ୍ଦନ ସାହୁ, ନୀଳାଚଳ ପଧାନ, ସପନ ମେହେର, ଜୟ ମେହେରଙ୍କ ସହ ଅନେକ କଂଗ୍ରେସ କର୍ମୀ ରାମପୁର ଠାରେ ରାସ୍ତା ଅବରୋଧ କରି କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନିତୀକୁ ଦୃଢ ନିନ୍ଦା କରି ନାରାବାଜି କରିଥିଲେ । ସେହିପରି ଯୋଗୀମୁଣ୍ଡା ଠାରେ ଚାଷୀ ନେତା ଜତି ପଧାନଙ୍କ ନେତୃତ୍ୱରେ ଶତାଧିକ ଚାଷୀ ରାସ୍ତା ଅବରୋଧ କରି ଆନ୍ଦୋଳନରେ ସାମିଲ ଥିଲେ । ବେଲପଡା ଏବଂ ଖପ୍ରାଖୋଲରେ ମଧ୍ୟ କିଛି ଚାଷୀ ଟାୟାର ଜାଳି ରାସ୍ତା ଅବରୋଧ କରି ଆନ୍ଦୋଳନରେ ସାମିଲ ହୋଇଥିଲେ । ଆଦିବାସୀ କଲ୍ୟାଣ ସଂଘ ତରଫରୁ ଗିରିଧାରୀ ଭୋଇ, ନିରଂଜନ ବିଶି, କୃଷକ ସେନା ସଭାପତି ସୌରୀ କୁମାର ସାହୁ, ଜୟ କିଶାନ ଆନ୍ଦୋଳନର ଆବାହକ ସିପୁନ ଖମାରୀ ଆନ୍ଦୋଳନକୁ ସମର୍ଥନ କରି ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ । ଆନ୍ଦୋଳନ କାରଣରୁ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଗାଡି ଚଳାଚଳ ସମ୍ପୁର୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଛି ।

ସବୁଠାରୁ ବଡ଼ କଥା ହେଉଛି, ଏହି ଆନ୍ଦୋଳନରେ ସ୍ୱତଃ ସାଧାରଣ ଲୋକେ ସାମିଲ୍ ହୋଇଥିବା ବେଳେ ଚାଷୀମାନଙ୍କ ହକ୍ ପାଇଁ ନିଜର ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି ।

# ଦକ୍ଷିଣ କୋଶଳର ପ୍ରାଚୀନ ଇତିହାସ ଓ ସଂସ୍କୃତି

## ସଦାନନ୍ଦ ଅଗ୍ରୱାଲ

ବୈଦିକ ସାହିତ୍ୟରେ କୋଶଳ ସାମ୍ରାଜ୍ୟର କୌଣସି ବର୍ଣ୍ଣନା ଉପଲବ୍ଧ ହୁଏ ନାହିଁ; ମାତ୍ର ରାମାୟଣ, ମହାଭାରତ ତଥା ଅନ୍ୟାନ୍ୟ ପୌରାଣିକ ଶାସ୍ତ୍ରାଦି, ବୌଦ୍ଧ ଏବଂ ଜୈନ ସାହିତ୍ୟରୁ କୋଶଳ ସମ୍ବନ୍ଧରେ ଅନେକ ମୂଲ୍ୟବାନ ବିବରଣୀ ମିଳିଥାଏ । ପ୍ରାଚୀନ ଭାରତୀୟ ସାହିତ୍ୟରୁ ଜଣାଯାଏ ଯେ, ଉତ୍ତର ଭାରତରେ କୋଶଳ ଏକ ସମୃଦ୍ଧ ତଥା ପ୍ରସିଦ୍ଧ ରାଜ୍ୟ ଥିଲା; ଯାହାର ରାଜଧାନୀ ଥିଲା ଅଯୋଧ୍ୟା । ରାମଚନ୍ଦ୍ର କୋଶଳ ସାମ୍ରାଜ୍ୟକୁ ଦୁଇ ଭାଗରେ ବିଭକ୍ତ କରି କୁଶଙ୍କ ପାଇଁ ବିନ୍ଧ୍ୟ ପର୍ବତର ନିମ୍ନଭାଗରେ କୁଶାବତୀ ନାମକ ଏକ ରମଣୀୟ ନଗରୀ ନିର୍ମାଣ କରିଥିବା ରାମାୟଣରୁ ସ୍ପଷ୍ଟ ରୂପେ ପ୍ରତିପାଦିତ ହୋଇଥାଏ । କୁଶ ଦକ୍ଷିଣ କୋଶଳର ଅଧିପତି ରୂପେ ପ୍ରତିଷ୍ଠିତ ହୋଇଥିଲେ । ମହାଭାରତରେ ଉତ୍ତର ଏବଂ ଦକ୍ଷିଣ କୋଶଳ ସମ୍ବନ୍ଧରେ ବହୁ ଉପାଦେୟ ତଥା ଚିତ୍ତାକର୍ଷକ ବର୍ଣ୍ଣନାମାନ ପରିଦୃଷ୍ଟ ହୋଇଥାଏ । ଅନ୍ତତଃ ବୁଦ୍ଧଦେବଙ୍କ ପର୍ଯ୍ୟନ୍ତ ଉଭୟ କୋଶଳର ଅସ୍ତିତ୍ୱ ରହିଥିବା ନିଶ୍ଚିତ ଭାବରେ କୁହାଯାଇପାରେ । ପ୍ରାୟ ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ଉତ୍ତର କୋଶଳ ଅଜାତଶତ୍ରୁଙ୍କ ଦ୍ୱାରା ବିଜିତ ହୋଇ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ସମ୍ଭବତଃ ପରବର୍ତ୍ତୀ ସମୟରେ କୋଶଳ କହିଲେ କେବଳ ଦକ୍ଷିଣ କୋଶଳକୁ ହିଁ ବୁଝାଇଲା । ପୁରାଣ ଗୁଡ଼ିକରେ କୋଶଳ, ଉତ୍କଳ ଏବଂ ମେକଳ ରାଜ୍ୟ "ବିନ୍ଧ୍ୟପୃଷ୍ଠ ନିବାସନଃ'' ରୂପେ ବର୍ଣ୍ଣିତ ହୋଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ । ଉଲ୍ଲେଖଯୋଗ୍ୟ ଯେ, ଅନେକ ବିଦ୍ୱାନ ପ୍ରାଚୀନ ଦକ୍ଷିଣ କୋଶଳର ରାଜଧାନୀ କୁଶବତୀ ନଗରୀକୁ ଅଧୁନାତନ ପାଟଣାଗଡ଼ ନିକଟସ୍ଥ କଅଁଶିଲ୍ ସହ ପରିଚିହ୍ନିତ କରିଥାନ୍ତି ।

ତଦ୍‌ବିଦ୍ ମାନଙ୍କ ମତରେ ପ୍ରାଚୀନ ଦକ୍ଷିଣ କୋଶଳ ରାଜ୍ୟ ଅଧୁନାତନ ମଧ୍ୟପ୍ରଦେଶର ରାୟପୁର-ବିଳାସପୁର ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଏବଂ କଳାହାଣ୍ଡି-ନୂଆପଡ଼ା ଜିଲ୍ଲାର କେତେକାଂଶକୁ ନେଇ ସଂଘଟିତ ହୋଇଥିଲା । ମାତ୍ର ଦକ୍ଷିଣ କୋଶଳର ପରିସୀମା ସବୁବେଳେ ଯେ ଏଭଳି ରହିଥିଲା, ତାହା କହିବା ଭ୍ରମାତ୍ମକ ହେବ । ପ୍ରାଚୀନ ଭାରତୀୟ ସାହିତ୍ୟରୁ ଅବଲମ୍ବନ ଯୋଗ୍ୟ ଉପାଦାନ ସଂଗ୍ରହ ପୂର୍ବକ ଦକ୍ଷିଣ କୋଶଳର ପ୍ରାଚୀନ ଭୌଗୋଳିକ ଅବସ୍ଥିତି ନିରୂପଣ କରାଯିବାହିଁ ଏକମାତ୍ର ପନ୍ଥା ।

ପୁରାଣରୁ ପ୍ରାପ୍ତ ବିବରଣୀ ଅନୁସାରେ ଇକ୍ଷ୍ୱାକୁ ରାଜବଂଶ ଦକ୍ଷିଣ କୋଶଳରେ ବହୁକାଳ ଯାଏ ରାଜତ୍ୱ କରିଥିଲେ । ଏହି ବଂଶର ଶେଷରାଜା ସୁମିତ୍ର ପ୍ରାୟ ଖ୍ରୀ.ପୂ. ୩୫୦ରେ ମଗଧରାଜ ମହାପଦ୍ମ ନନ୍ଦଙ୍କ ଦ୍ୱାର ନିହତ ହେବାରୁ ସମ୍ଭବତଃ ଖୁବ୍ ଅଳ୍ପକାଳ ପାଇଁ ଦକ୍ଷିଣ କୋଶଳ ମଗଧ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଖ୍ରୀ.ପୂ. ତୃତୀୟ ଶତକରେ ଅଶୋକଙ୍କ କଳିଙ୍ଗ ବିଜୟ, ଭାରତର ପ୍ରାଚୀନ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟନା । କଳିଙ୍ଗଯୁଦ୍ଧ ପରେ ଅଶୋକ କେବଳ ଉପକୂଳବର୍ତ୍ତୀ ଅଞ୍ଚଳ କରଗତ କରି ସନ୍ତୁଷ୍ଟ ରହିଲେ ଏବଂ ଅରଣ୍ୟ-ପର୍ବତ ସଂକୁଳ ପଶ୍ଚିମାଞ୍ଚଳ ଅଧିକାର କରିବାର ଅଭିପ୍ରାୟ ତ୍ୟାଗ କଲେ । ଏହି ଅଞ୍ଚଳ ସେହି ସମୟରେ "ଆଟବିକ'' ବା "ଅଟବୀ'' ରୂପେ ଅଶୋକଙ୍କ ଅନୁଶାସନରେ ଉଲ୍ଲିଖିତ । ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ଅଧୁନାତନ ବଲାଙ୍ଗୀର-ପାଟଣା ଅଞ୍ଚଳ ଚେଦିରାଷ୍ଟ୍ରରେ ସମ୍ମିଳିତ ହୋଇଥିବା ନିଶ୍ଚିତ ଭାବରେ କୁହାଯାଇପାରେ । ଜୈନ ହରିବଂଶର ନିମ୍ନୋକ୍ତ ବର୍ଣ୍ଣନାରୁ ସ୍ପଷ୍ଟ ରୂପେ ପ୍ରତିପାଦିତ ହୁଏ ଯେ, ବିନ୍ଧ୍ୟାଚଳ ସମୀପବର୍ତ୍ତୀ ଅଞ୍ଚଳରେ ଅଭିଚନ୍ଦ୍ର ଚେଦି ରାଷ୍ଟ୍ର ସ୍ଥାପନ କରିଥିଲେ ଏବଂ ଶୁକ୍ତିମତୀ ନଦୀ ତଟରେ ଏହାଙ୍କ ରାଜଧାନୀ ଶୁକ୍ତିମତୀପୁର ପ୍ରସ୍ଥାପିତ ହୋଇଥିଲା:

ବିନ୍ଧ୍ୟପୃଷ୍ଠେଽଭିଚନ୍ଦ୍ରେଣ ଚେଦିରାଷ୍ଟ୍ର
ମଧିଷ୍ଠିତମ୍
ଶୁକ୍ତିମତ୍ୟାସ୍ତଟେଽଧାୟି ନାମ୍ନାଶୁକ୍ତିମତୀ
ପୁରୀ

ଶୁକ୍ତିମତୀ ହେଉଛି ଓଡ଼ିଶାର ଅଧୁନାତନ ବଲାଙ୍ଗୀର ଏବଂ ସୋନପୁର ଜିଲ୍ଲାରେ ପ୍ରବାହିତ ଶୁକ୍‌ତେଲ୍ ନଦୀ । ବଲାଙ୍ଗୀର-ପାଟଣା ଅନ୍ତର୍ଗତ ଏହି ଶୁକ୍‌ତେଲ୍ କୂଳସ୍ଥ ଲୋକାପଡ଼ା ଗ୍ରାମରୁ ଏହି ଲେଖକ ଏକ ପ୍ରାଚୀନ ଜନବସତିର ଅବଶେଷ ଉଦ୍ଧାର କରିପାରିଛି । ଏଠାରୁ ମିଳିଥିବା ଆହତ ମୁଦ୍ରା (Punchmarked silver coins) କୁ ଆମେ ତିନୋଟି ଶ୍ରେଣୀରେ ବିଭକ୍ତ କରି ଏଗୁଡ଼ିକ ନନ୍ଦ, ମୌର୍ଯ୍ୟ ଏବଂ ମୌର୍ଯ୍ୟୋତ୍ତର କାଳୀନ ହୋଇଥିବାର ନିଶ୍ଚିତ ମତ ପ୍ରଦାନ କରିଅଛୁଁ । ଏହିସବୁ ରୌପ୍ୟ ମୁଦ୍ରାର ଗଠନ ଏବଂ ଆକାରରେ ବୈଷମ୍ୟ ପରିଲକ୍ଷିତ ହୋଇଥାଏ । ଏଥିରେ ବୃକ୍ଷ, ବିଭିନ୍ନ ଜୀବ, ଷଡ଼ାର ଚକ୍ର, ସୂର୍ଯ୍ୟ, ପାହାଡ଼, ପାହାଡ଼ ଉପରେ ଅର୍ଦ୍ଧଚନ୍ଦ୍ର, ତୋରଣ, ରେଲିଂ ମଧ୍ୟରେ ବୃକ୍ଷ, କୁମ୍ଭ ଏବଂ ଧର୍ମ ସମ୍ବନ୍ଧୀୟ ବିଭିନ୍ନ ଲାଞ୍ଛନ ପରିଦୃଷ୍ଟ ହୋଇଥାଏ । ଏହି ସ୍ଥାନରୁ ଅନେକ ପ୍ରସ୍ତରମାଳିର କଣ୍ଠୀ ସଂଗ୍ରହ କରି ପାରିଛୁଁ । ଏହିସବୁ କଣ୍ଠୀ ବିଭିନ୍ନ ରଙ୍ଗ ଏବଂ ଆକୃତି ବିଶିଷ୍ଟ, ଅତି ମସୃଣ ତଥା ଗୁନ୍ଥିବା ପାଇଁ ମଧ୍ୟ ଭାଗରେ ଛିଦ୍ର ମଧ୍ୟ କରାଯାଇଛି । ଏସବୁରେ ସେହିକାଳର ମଣିଷର ଉନ୍ନତ ସୌନ୍ଦର୍ଯ୍ୟବୋଧ ଏବଂ କଳାତ୍ମକ ଅଭିବ୍ୟକ୍ତି ପ୍ରସ୍ଫୁଟିତ । ଏହି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଭୂଖନନ କରାଗଲେ ଏଠାରୁ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ଏକ ନୂତନ ଜନବସତିର ଅବଶେଷ ନିଶ୍ଚିତ ଭାବରେ ଉଦ୍ଧାର କରାଯାଇ ପାରିବ । ଏଣୁ ଆମେ ଏହି ସ୍ଥାନକୁ ଶୁକ୍ତିମତୀପୁର ରୂପେ ଚିହ୍ନିତ କରିଅଛୁଁ ।

ଚେଦି ବଂଶର ପତନ ପରେ ସାତବାହନ ରାଜବଂଶ ଏହି ଅଞ୍ଚଳକୁ କରଗତ କରିଥିଲେ । ଏହି ବଂଶର ବାଶିଷ୍ଠୀ ପୁତ୍ର ପୁଳୁମାବୀ ନାସିକଗୁମ୍ଫା ଅଭିଲେଖରେ ନିଜ ସାମ୍ରାଜ୍ୟର ବର୍ଣ୍ଣନା ପ୍ରସଙ୍ଗରେ ମଳୟ ଏବଂ ମହେନ୍ଦ୍ର ପର୍ବତକୁ ମର୍ତ୍ତ୍ୟ ସ୍ୱୀର ସ୍ତନଦ୍ୱୟ ରୂପେ ଉଲ୍ଲେଖ କରିଥିବା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଏହି ବଂଶର ରାଜା ଗୌତମୀପୁତ୍ର ସାତକର୍ଣ୍ଣୀ ନଅକୋଟି ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ ମହାନ ଦାର୍ଶନିକ ନାଗାର୍ଜୁନଙ୍କ ସକାଶେ ପରିମଳଗିରି ବୌଦ୍ଧ ବିହାର ପ୍ରତିଷ୍ଠା କରିଥିଲେ । ଏହି ବୌଦ୍ଧ ବିହାରର ଯଶ ଅନ୍ତତଃ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିବା ଚୀନ ପରିବ୍ରାଜକ ହୁଏଂସାଙ୍କ ବିବରଣୀରୁ ଜଣାପଡ଼ିଥାଏ, ସଂପ୍ରତି ହରିଶଙ୍କର ଏବଂ ନରସିଂହନାଥଙ୍କ ଅଧିଷ୍ଠାନ ଦ୍ୱାରା ପବିତ୍ରୀକୃତ ଗନ୍ଧମାର୍ଦ୍ଦନ ପର୍ବତ ମଧ୍ୟରେ ଉପରୋକ୍ତ ବୌଦ୍ଧ ବିହାର ପ୍ରସ୍ଥାପିତ ହୋଇଥିବାର ନିଶ୍ଚିତ ରୂପେ କୁହାଯାଇପାରେ ।

ସାତବାହନ ବଂଶର ପତନ ପରେ ମେଘରାଜ ବଂଶର ନଅଜଣ ରାଜା କୋଶଳକୁ ଶାସନ କରିଥିବାର ଜଣାପଡ଼ିଥାଏ:

କୋଶଳାନାଂ ତୁ ରାଜନୋ ଭବିଷ୍ୟନ୍ତି
ମହାବଳାଃ
ମେଘାଇତି ସମଖ୍ୟାତା ବୁଦ୍ଧିମନ୍ତ
ନବୈବତୁ ॥
ବାୟୁ- ୯/୩୪୭

ନିକଟରେ ଛତିଶଗଡ଼ର ମହ୍ଲାର ଠାରୁ ଏହି ରାଜବଂଶର ଛଅଜଣ ରାଜାଙ୍କ ଦ୍ୱାରା ପ୍ରଦତ୍ତ ନାମାଙ୍କିତ ମୁଦ୍ରା ସଂଗୃହୀତ ହେବାପରେ କୋଶଳ ଇତିହାସରେ ନୂତନ ଦିଗନ୍ତ ମିଳିପାରିଛି । ସେମାନେ ହେଲେ ୧) ମାଘଶ୍ରୀ, ୨) ଯା ମାଘ, ୩)ରବିମାଘ, ୪) ଶିବ ମାଘ, ୫) ବସନ୍ତ ମାଘ ଏବଂ ୬) ବସୁମାଘ । ଅବଶ୍ୟ ଏମାନଙ୍କୁ କ୍ରମାନ୍ୱୟରେ ଅବସ୍ଥାପିତ କରିବା କଷ୍ଟକର ମନେ ହୁଏ ।

ଅନେକ ବର୍ଷ ତଳେ ପାଟଣାଗଡ଼ ନିକଟରୁ ଏକ ପ୍ରାଚୀନ ସ୍ୱର୍ଣ୍ଣମୁଦ୍ରା ଆବିଷ୍କୃତ ହୋଇଥିଲା । ଏହାର ଗୋଟିଏ ପାର୍ଶ୍ୱରେ ଜଣେ ରାଜା ଅଶ୍ୱ ଉପରେ ଉପବିଷ୍ଟ ହୋଇଥିବାର ଲାଞ୍ଛନ ରହିଥିବା ବେଳେ ଅପର ପାର୍ଶ୍ୱରେ "ଶ୍ରୀରିଷଭଦେବ'' ଉତ୍କୀର୍ଣ୍ଣିତ । ପ୍ରଖ୍ୟାତ ଐତିହାସିକ ଡ଼. ନବୀନ କୁମାର ସାହୁ ଏହି ମୁଦ୍ରା ଉପରୋକ୍ତ ମେଘ ରାଜବଂଶ ଦ୍ୱାରା ପ୍ରଦତ୍ତ ହୋଇଥିବାର ମତ ପ୍ରଦାନ କରିଛନ୍ତି ମାତ୍ର ଏହା ଗବେଷଣା ସାପେକ୍ଷ । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ମଧ୍ୟଭାଗରେ ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ ଦକ୍ଷିଣାପଥ ଅଭିଯାନ କ୍ରମରେ କୋଶଳ ଏବଂ କଳିଙ୍ଗରାଜ୍ୟ ଜୟ କରିଥିବା ଏଲାହାବାଦ୍ ସ୍ତମ୍ଭ ଅଭିଲେଖରୁ ଜଣାପଡ଼ିଥାଏ । ସେହି ସମୟରେ କୋଶଳର ରାଜା ଥିଲେ ମହେନ୍ଦ୍ର । ତାଙ୍କୁ ଉପରୋକ୍ତ ପୁରାଣ ବର୍ଣ୍ଣିତ ମେଘରାଜା ରୂପେ ପରିଚିହ୍ନିତ କରାଯାଇ ନପାରେ । ସେହି ସମୟରେ ସୋନପୁର-ବିନିକା ଅଞ୍ଚଳକୁ ନେଇ କୋରାଳ ରାଜ୍ୟ ସଂଘଟିତ ହୋଇଥିଲା । ସମୁଦ୍ରଗୁପ୍ତ ଏହି ସବୁ ଅଞ୍ଚଳକୁ ଜୟ କରିଥିଲେ ସୁଦ୍ଧା ଏହି ରାଜ୍ୟ ଗୁଡ଼ିକର ଶାସନଭାର ଗ୍ରହଣ ନ କରି ପରାଜିତ ରାଜା ମାନଙ୍କୁ ପୁଣି ସେମାନଙ୍କ ରାଜ୍ୟ ଫେରାଇ ଦେଇଥିଲେ ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ କଳିଙ୍ଗରେ ମାଠର ବଂଶ ରାଜତ୍ୱ କରୁଥିବା ସମୟରେ କୋଶଳର ଏକ ଅଞ୍ଚଳରେ ନଳ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଏମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଶାସନ ଗୁଡ଼ିକରୁ ଏହା ସ୍ପଷ୍ଟ ରୂପେ ପ୍ରତିପାଦିତ ହୁଏ ଯେ, ଅଧୁନାତନ ଓଡ଼ିଶାର କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଜିଲ୍ଲାର କେତେକାଂଶ ଏବଂ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳରେ ଏମାନଙ୍କ ରାଜ୍ୟ ପରିବ୍ୟାପ୍ତ ଥିଲା । ଉଲ୍ଲେଖ ଯୋଗ୍ୟ ଯେ, ବାୟୁ ଏବଂ ବ୍ରହ୍ମାଣ୍ଡ ପୁରାଣରେ ନଳ ମାନଙ୍କୁ କୋଶଳର ରାଜବଂଶ ରୂପେ ବର୍ଣ୍ଣନା କରାଯାଇଛି । ଏହି ରାଜବଂଶର ବହୁ ସ୍ୱର୍ଣ୍ଣମୁଦ୍ରା ମଧ୍ୟ ଆବିଷ୍କୃତ ହୋଇଛି । ଏସବୁରେ ବୃଷଭ ଏବଂ ଅର୍ଦ୍ଧଚନ୍ଦ୍ର ଲାଞ୍ଛନ ଅଙ୍କିତ ହେବା ସାଙ୍ଗକୁ ପେଟିକା-ଶିର ଲିପିରେ ଶଂସିତ ରାଜାଙ୍କ ନାମ ମଧ୍ୟ ଉତ୍କୀର୍ଣ୍ଣିତ ହୋଇଛି । ପ୍ରାୟ ଖ୍ରୀ.୫୦୦ ବେଳେ ଭାରତବର୍ଷରେ ରାଜନୈତିକ ଅସ୍ଥିରତା ଏବଂ ଅରାଜକ ଅବସ୍ଥାର ସୁଯୋଗ ନେଇ ବିଭିନ୍ନ ଅଞ୍ଚଳରେ ବହୁ ନୂତନ ରାଜବଂଶର ଅଭ୍ୟୁଦୟ ହୋଇଥିଲା । କଳିଙ୍ଗ ଅଞ୍ଚଳରେ ବାଶିଷ୍ଠ, ଦୁର୍ଜୟ, ଗଙ୍ଗ ତଥା ଶୈଳୋଦ୍‌ଭବ ରାଜବଂଶ ଏବଂ ପଶ୍ଚିମ ଓଡ଼ିଶାରେ ପର୍ବତ ଦ୍ୱାରକ ଏବଂ ଶରଭପୁରୀୟ (ଅମରାର୍ଯ୍ୟକୁଳ) ରାଜବଂଶ ସେହିକାଳରେ ଶକ୍ତି ସଂଗ୍ରହ କରି ନୂତନ ରାଜ୍ୟମାନ ସ୍ଥାପନ କରିଥିଲେ ।

ପର୍ବତଦ୍ୱାରକ ନରପତିମାନେ ତେଲନଦୀ ଉପତ୍ୟକାରେ ପ୍ରାୟ ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ଏହି ରାଜବଂଶର ପ୍ରକୃତ ନାମ ନିଶ୍ଚିତ ରୂପେ ଜଣା ପଡ଼ିନାହିଁ । ସେମାନଙ୍କ ଆରାଧ୍ୟ ଦେବତା ସ୍ତମ୍ଭେଶ୍ୱରୀଙ୍କ ପୀଠସ୍ଥାନ ଥିଲା ପର୍ବତଦ୍ୱାର । ତେଣୁ ଡ଼. ନବୀନ କୁମାର ସାହୁ ପ୍ରମୁଖ ଐତିହାସିକମାନେ ଉକ୍ତ ରାଜବଂଶକୁ ପର୍ବତ ଦ୍ୱାରକ ରୂପେ ଅଭିହିତ କରିଛନ୍ତି । ପର୍ବତଦ୍ୱାରକକୁ ଆମେ ଅଧୁନାତନ କଳାହାଣ୍ଡି - ବଲାଙ୍ଗୀର ଜିଲ୍ଲାର ସୀମାନ୍ତବର୍ତ୍ତୀ ତେଲନଦୀ କୂଳସ୍ଥ ଅମାଠଗଡ଼ ସହ ଚିହ୍ନିତ କରିଅଛୁଁ । ଏହି ବଂଶର ବିବରଣ କେବଳ ତେରାସିଂଘା ତାମ୍ର ଶାସନରୁ ଉପଲବ୍ଧ ହୋଇଥାଏ । ତାମ୍ରଶାସନର ପ୍ରଥମ ଫଳକରେ ରାଜା ଶୋଭନ ରାଜଙ୍କର ଜନନୀ କୌସ୍ତୁଭେଶ୍ୱରୀଙ୍କର ଦାନ ଲିପିବଦ୍ଧ ହୋଇଥିବା ସ୍ଥଳେ ଏହାର ପଶ୍ଚାତଭାଗରେ ଏବଂ ଅନ୍ୟ ଦୁଇଟି ଫଳକରେ ମହାରାଜା ତୁଷ୍ଟିକାରଙ୍କର କ୍ରିୟା କଳାପ ବର୍ଣ୍ଣିତ ହୋଇଛି । ଏଥିରେ ରାଜଜନନୀ କୌସ୍ତୁଭେଶ୍ୱରୀ ଏବଂ ମହାରାଜା ତୁଷ୍ଟିକାର ଉଭୟେ ନିଜ ନିଜକୁ ସ୍ତମ୍ଭେଶ୍ୱରୀ ପାଦଭକ୍ତ ରୂପେ ଅଭିହିତ କରିଥିବା ତାତ୍ପର୍ଯ୍ୟପୂର୍ଣ୍ଣ । ଆମ୍ଭର ବର୍ତ୍ତମାନ ଜ୍ଞାନରେ କହିପାରୁଁ ଯେ, ଓଡ଼ିଶାରୁ ଏପର୍ଯ୍ୟନ୍ତ ମିଳିଥିବା ଅଗଣିତ ଅଭିଲେଖ ଗୁଡ଼ିକ ମଧ୍ୟରୁ କୌଣସି ଶାକ୍ତ ଦେବତାଙ୍କୁ ସୂଚିତ କରିବାରେ ଏହାହିଁ ସର୍ବପ୍ରାଚୀନ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ପରବର୍ତ୍ତୀ କାଳୀନ ବହୁ ରାଜବଂଶର ନରପତିମାନେ ସ୍ୱୀୟ ଦାନପତ୍ର ଗୁଡ଼ିକରେ ନିଜକୁ ସ୍ତମ୍ଭେଶ୍ୱରୀଙ୍କ ପାଦଭକ୍ତ ରୂପେ ଘୋଷଣା କରିଛନ୍ତି । ଦେବୀ ସ୍ତମ୍ଭେଶ୍ୱରୀ ଆଜି ମଧ୍ୟ ଏହି ଅଞ୍ଚଳର ପ୍ରାୟ ସମସ୍ତ ପ୍ରାଚୀନ ଗ୍ରାମ ଗୁଡ଼ିକରେ ପୂଜିତା ହେଉଛନ୍ତି ।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଶେଷ ଦଶନ୍ଧିରୁ ଷଷ୍ଠ ଶତାବ୍ଦୀର ପ୍ରଥମ ଦଶନ୍ଧି ମଧ୍ୟରେ ନଳବଂଶର ପତନ ହୋଇ ଶରଭପୁରୀୟ ନାମକ ଏକ ରାଜବଂଶ କୋଶଳରେ ନୂତନ ଭାବେ ପ୍ରତିଷ୍ଠିତ ହୋଇପାରିଥିଲା । ଏହି ରାଜବଂଶର ପ୍ରତିଷ୍ଠାତା ରାଜା ଶରଭଙ୍କ ନାମାନୁସାରେ ଏମାନଙ୍କ ରାଜଧାନୀ "ଶରଭପୁର'' ନାମରେ ନାମିତ ହୋଇଥିଲା । ଶରଭପୁର ରାଜଧାନୀର ଅବସ୍ଥିତିକୁ ନେଇ ଐତିହାସିକ ମାନଙ୍କ ମଧ୍ୟରେ ବହୁବିଧମତ ପରିଲକ୍ଷିତ ହୋଇଥାଏ । ଅଧୁନାତନ ନୂଆପଡ଼ା ଜିଲ୍ଲାର ମାରାଗୁଡ଼ା ପାର୍ବତ୍ୟ ଅଞ୍ଚଳ ଅନ୍ତର୍ଗତ ଜୁମାଲ୍‌ଗଡ଼ଠାରେ ଏକ ପ୍ରାଚୀନ ଦୁର୍ଗର ଅବଶେଷ ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ ଏହାର ନିକଟବର୍ତ୍ତୀ ଅଞ୍ଚଳରୁ ଅନେକ ଶରଭପୁରୀୟ ଅଭିଲେଖ ଏବଂ ମୁଦ୍ରା ମଧ୍ୟ ମିଳିପାରିଛି । ପ୍ରତ୍ନସଂପଦରେ ପରିପୂର୍ଣ୍ଣ ଏହି ସ୍ଥାନକୁ ଶରଭପୁର ରୂପେ ପରିଚିହ୍ନିତ କରାଯିବା ଏକାନ୍ତ ଯୁକ୍ତି ସମ୍ମତ ମନେ ହୁଏ । ପ୍ରଣିଧାନ ଯୋଗ୍ୟ ଯ, କିଛିବର୍ଷ ତଳେ ବଲାଙ୍ଗୀର ଜିଲ୍ଲାର ସଇନ୍ତଲା ନିକଟସ୍ଥ ଡଙ୍ଗରମୁଣ୍ଡା ଗ୍ରାମରୁ ୫୪ ଗୋଟି ଶରଭପୁରୀୟ ସ୍ୱର୍ଣ୍ଣମୁଦ୍ରା ଭୂଗର୍ଭରୁ ଉଦ୍ଧାର କରାଯାଇ ପାରିଛି । ଏସବୁକୁ ଅନୁଧ୍ୟାନ କରି ତଥା ମୁଦ୍ରାଙ୍କିତ ଲିପିର ପାଠୋଦ୍ଧାର ପୂର୍ବକ ଏହା ଶରଭପୁରୀୟ ରାଜା ମହେନ୍ଦ୍ରାଦିତ୍ୟଙ୍କ ଦ୍ୱାରା ପ୍ରଚଳିତ ହୋଇଥିବାର ଏହି ଲେଖକ ସର୍ବ ପ୍ରଥମେ ମତ ପ୍ରକାଶ କରିଅଛି । ଗୋଟିଏ ମୁଦ୍ରାର ଫଟୋ ପ୍ରଚ୍ଛଦରେ ପ୍ରଦତ୍ତ । ଚୀନ ପରିବ୍ରାଜକ ହୁଏଂସାଙ୍କ ପରିଭ୍ରମଣ ସମୟରେ ଏହି ଶରଭପୁର ହିଁ କୋଶଳର ରାଜଧାନୀ ରହିଥିଲା ଏବଂ ହୁଏଂସାଙ୍କ ଦ୍ୱାରା ପ୍ରଦତ୍ତ ଭୌଗୋଳିକ ବିବରଣୀ ଅନୁଯାୟୀ ଅଧୁନାତନ ଗନ୍ଧମାର୍ଦ୍ଦନ ପର୍ବତକୁ ହିଁ ପରିମଳଗିରି ରୂପେ ପରିଚିହ୍ନିତ କରାଯାଇପାରେ । ସେହିକାଳରେ କୋଶଳର ପରିଧି ଏକ ହଜାର ମାଇଲ୍‌ରୁ ଉର୍ଦ୍ଧ୍ୱରେ ଥିଲା ଏବଂ ଏହାର ରାଜଧାନୀ କଳିଙ୍ଗ, କଙ୍ଗୋଦ ତଥା ଓଡ୍ରଦେଶର ରାଜଧାନୀ ଅପେକ୍ଷା ଆୟତନରେ ଦୁଇଗୁଣ ଥିଲା । ଚୀନ ପରିବ୍ରାଜକ ପୁନର୍ବାର ଉଲ୍ଲେଖ କରିଛନ୍ତ ଯେ, କୋଶଳର ରାଜା କ୍ଷତ୍ରିୟ ବଂଶୀୟ ଥିଲେ ମଧ ବୌଦ୍ଧଧର୍ମ ପ୍ରତି ତାଙ୍କର ଗଭୀର ଅନୁରକ୍ତି ରହିଥିଲା ଏବଂ ସେ କଳା ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ । କୋଶଳର ଶତାଧିକ ବୌଦ୍ଧ ବିହାରରେ ପ୍ରାୟ ଦଶହଜାର ମହାଯାନ ବୌଦ୍ଧ ଭିକ୍ଷୁ ବସବାସ କରୁଥିଲେ । ଏହା ବ୍ୟତୀତ ବହୁ ସଂଖ୍ୟକ ହିନ୍ଦୁ ଦେବାୟତନ ଏଠାରେ ଲୋକପ୍ରିୟ ଥିଲା । ଉଲ୍ଲେଖଯୋଗ୍ୟ ଯେ, ଶରଭପୁରୀୟ ଦାନପତ୍ର ଗୁଡ଼ିକରେ ରାଜକୀୟ ଲାଞ୍ଛନ ରୂପେ "ଗଜଲକ୍ଷ୍ମୀ'' ଚିତ୍ର ହିଁ ବ୍ୟବହୃତ ଏବଂ ଅନେକ ରାଜା ନିଜକୁ "ପରମ ଭାଗବତ'' ରୂପେ ଉଲ୍ଲେଖ କରିଛନ୍ତି । ଶରଭପୁରୀୟ ରାଜା ସୁଦେବରାଜ (ପ୍ରାୟ ଖ୍ରୀ. ୬୩୦-୬୫୫) ଶରଭପୁରୀୟ ରାଜଧାନୀରୁ ରାଜତ୍ୱ କରୁଥିବା ସମୟରେ ତାଙ୍କର ଭ୍ରାତା ପ୍ରବରରାଜ ମହାନଦୀ କୂଳସ୍ଥ ଶ୍ରୀପୁରଠାରେ ଆଉ ଏକ ରାଜଧାନୀ ସ୍ଥାପନ କଲେ । ଆଧୁନିକ ମଧ୍ୟପ୍ରଦେଶ ଅନ୍ତର୍ଗତ ରାୟପୁର ଠାରୁ ୩୭ ମାଇଲ୍ ଉତ୍ତର ପୂର୍ବ ଦିଗରେ ଅବସ୍ଥିତ ମହାନଦୀ ତୀରସ୍ଥ ଶିରପୁର୍‌କୁ ଅଭିଲେଖ ବର୍ଣ୍ଣିତ ଶ୍ରୀପୁର ସହ ସନ୍ତୋଷଜନକ ଭାବରେ ପରିଚିହ୍ନିତ କରାଯାଇଛି । ପ୍ରାୟ ଖ୍ରୀ. ୭୦୦ରେ ଶରଭପୁରୀୟ ରାଜବଂଶର ପତନ ହୋଇ ପାଣ୍ଡୁ (ଅପର ନାମ ସୋମ) ବଂଶୀ ରାଜା ତିବର ଦେବ "ସକଳ କୋଶଳାଧିପତି" ରୂପେ ନିଜକୁ ପରିଘୋଷିତ କରି ଶ୍ରୀପୁର ରାଜଧାନୀରୁ ଶାସନ ପ୍ରାରମ୍ଭ କଲେ । ପରବର୍ତ୍ତୀ କାଳରେ ଏହି ସୋମବଂଶୀ ରାଜନ୍ୟବୃନ୍ଦ କୋଶଳ ତଥା ଉତ୍କଳ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସଂପାଦକୀୟ

# ଚାଷୀ ଆନ୍ଦୋଳନ

ଚାଷୀ ଆନ୍ଦୋଳନ ଏବେ ସାରା ଦେଶରେ ବୋବାଲ୍ ମଚେଇଛି । ହକ୍ ପାଇଁ ସାରା ଦେଶର କୃଷକମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ସରକାରଙ୍କ ପକ୍ଷରୁ କେତେକ ପର୍ଯ୍ୟାୟ ଆଲୋଚନା ହୋଇ ସାରିଥିଲେ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇ ପାରୁନାହିଁ । କୃଷକମାନେ ଅଡ଼ି ବସିଛନ୍ତି, ତିନୋଟି ନୂତନ କୃଷି ଆଇନ ପ୍ରତ୍ୟାହାର ପାଇଁ । କିନ୍ତୁ ସରକାର ମଧ୍ୟ ହଟୁ ନାହାନ୍ତି ନିଜର ନିୟମରୁ । କେନ୍ଦ୍ର ସରକାର ଏବଂ କୃଷକମାନଙ୍କ ମଧ୍ୟରେ ଚାଲିଛି ଟଣା ଓଟରା । କେହି କାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ଯେପରି ।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ଯେଉଁଭଳି ଭାବରେ ତିନୋଟି ବିବାଦୀୟ କୃଷି ବିଲ୍‌କୁ ସଂସଦରେ ପାରିତ କଲେ ଏବଂ ମଂଜୁର କରାଇଲେ, ସେଥିରୁ ହିଁ ଅସନ୍ତୋଷ ଆରମ୍ଭ ହୋଇଥିଲା । ଅକାଳୀ ଦଳର ସାଂସଦ ଜଣେ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏଥିରେ କ୍ଷୁବ୍ଧ ହୋଇ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତା'ପରେ ଆରମ୍ଭ ହୋଇଯାଇଛି ବିରୋଧ ପ୍ରଦର୍ଶନ, ଯାହାକୁ ସରକାର ମଧ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ।

ସାରା ଦେଶରେ କୃଷକ ନିଜ ହକ୍ ପାଇଁ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି । ଦେଶର ବିଭିନ୍ନ ଅଂଚଳରେ କେନ୍ଦ୍ର ସରକାରଙ୍କ ଏହି ତିନୋଟି କୃଷି ଆଇନକୁ ନେଇ ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ ୮ ତାରିଖ ଦିନ ସାରା ଦେଶରେ ବନ୍ଦ ପାଳନ ପାଖାପାଖି ସଫଳ ହୋଇଛି । ସବୁଠାରୁ ବଡ଼ କଥା ହେଲା ଅନେକ ରାଜନୈତିକ ଦଳ ସହ ସାମାଜିକ ତଥା ସାଂସ୍କୃତିକ ସଂଗଠନମାନେ ସ୍ୱତଃ ଏହି ଆନ୍ଦୋଳନକୁ ସମର୍ଥନ ପ୍ରଦାନ କରିଛନ୍ତି । ସମସ୍ତଙ୍କ ଗୋଟିଏ ନାରା 'କେନ୍ଦ୍ର ସରକାର ତାଙ୍କ ତିନୋଟି ନୂତନ କୃଷି ଆଇନ ପ୍ରତ୍ୟାହାର କରନ୍ତୁ, ଏହା ଦ୍ୱାରା କୃଷକ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେବା ସହ ଦେଶ ପାଇଁ ଏହା ଉଚିତ ହେବନାହିଁ ।' ତେବେ ସରକାର କୃଷକମାନଙ୍କ ଏହି ମନ୍ତବ୍ୟ ଉପରେ ସନ୍ତୁଷ୍ଟ ନୁହନ୍ତି । ଏହି ଆଇନ ବଳରେ କୃଷକମାନେ ଅନେକାଂଶରେ ଲାଭାନ୍ୱିତ ହେବେ ବୋଲି ସେ ମଧ୍ୟ ଜିଦ୍ ଧରି ବସିଥିବା ଦେଖିବାକୁ ମିଳିଛି ।

ଦେଶର ବିଭିନ୍ନ ଅଂଚଳରୁ ଚାଷୀମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିବା ବେଳେ ଦିଲ୍ଲୀ ବୋର୍ଡ଼ର୍‌ରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ବାହିନୀ ସେମାନଙ୍କ ରୋକିଥିବା ବେଳେ ଏହାକୁ ନେଇ ମଧ୍ୟ ନାନା ପ୍ରକାର ବାକ୍ ବିତଣ୍ଡା ଚାଲିଥିଲା । କେନ୍ଦ୍ର କୃଷି ମନ୍ତ୍ରୀ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପର୍ଯ୍ୟାୟ କ୍ରମେ ଚାଷୀନେତାମାନଙ୍କୁ ଆମନ୍ତ୍ରଣ କରି ବୁଝାମଣା କରିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି । ଦେଖାଯାଇଛି, କୃଷକମାନଙ୍କ ଦ୍ୱାରା ଦିଲ୍ଲୀର ବିଭିନ୍ନ ପ୍ରବେଶ ପଥକୁ ସିଲ୍ କରାଯାଉଛି ଏବଂ ଏହାଦ୍ୱାରା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି । ଏଭଳି ହାଡ଼ଭଙ୍ଗା ଶୀତରେ କୃଷକମାନେ ଅଡ଼ି ବସିଛନ୍ତି ଜିଦ୍‌ରେ । ନୂତନ କୃଷକ ଆଇନକୁ ପ୍ରତ୍ୟାହାର ନ କରାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଜିଦ୍ କରି ବସିଛନ୍ତି । ସରକାରଙ୍କ ପକ୍ଷରୁ ନାନା ପ୍ରକାର ଉଦ୍ୟମ ବିଫଳ ହେବାରେ ଲାଗିଛି । ଦିଲ୍ଲୀ ଶାସନ ସମ୍ଭାଳିଥିବା ଆମ୍ ଆଦ୍‌ମି ପାର୍ଟି ପକ୍ଷରୁ ମଧ୍ୟ ଚାଷୀମାନଙ୍କୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରାଯାଇଥିବା ବେଳେ ଦେଶର ବଡ଼ ଛୋଟ ଅନେକ ପାର୍ଟି ଏହାକୁ ସମର୍ଥନ ଦେଇଛନ୍ତି । ଚାଷୀମାନଙ୍କ ହକ୍ ପାଇଁ ସତେ ଯେମିତି ସାରା ଭାରତ ଏକ୍ ହୋଇ ଲଢୁଛି ।

କିନ୍ତୁ ସବୁଠାରୁ ବଡ଼ କଥା ହେଲା, ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଆଇନ ପ୍ରତ୍ୟାହାର ପାଇଁ ରାଜି ହୋଇ ନାହାନ୍ତି । ଚାଷୀମାନଙ୍କ ଘନଘୋର୍ ଆନ୍ଦୋଳନ ମଧ୍ୟ ସରକାରଙ୍କ ଯେମିତି ହଲ୍‌ଚଲ୍ କରି ପାରିନାହିଁ । ଦେଶର ଚାଷୀମାନଙ୍କ ସ୍ୱର ଉତ୍ତୋଳନ କେତେଦୂର ସହି ସଲାମତ୍ ରହିବ, ତାହା ଭବିଷ୍ୟତରେ ଜଣାପଡ଼ିବ ବୋଲି ଜନତା ଜନାର୍ଦ୍ଦନ ମତ ଦେଉଛନ୍ତି ।

# ଦୁଇ ବର୍ଷ ଶିଶୁକୁ ବିଷ ପିଆଇ ମା'ର ଆତ୍ମହତ୍ୟା ଉଦ୍ୟମ




ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ପାରିବାରିକ କଳହର କରୁଣ ପରିଣତି । ୨ ବର୍ଷର ଶିଶୁକୁ ବିଷ ପିଆଇ ମା' ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, କୁମ୍ଭାରୀ ଗ୍ରାମର ଭରତ ରଣା ନାମକ ବ୍ୟକ୍ତି ଗତ ତିନି ବର୍ଷ ତଳେ ସଇଁନ୍ତଲା ଗ୍ରାମର ରିକି ରଣାଙ୍କୁ ବିବାହ କରିଥିଲେ । ହେଲେ ବିଳମ୍ବିତ ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା । ତେବେ ରିକିକୁ ତାର ସ୍ୱାମୀ ନିଷ୍ଠୁର ଭାବରେ ମାଡ଼ ମାରିଥିବା ପଡୋଶୀ ଲୋକଙ୍କ ପାଖରୁ ଜଣାପଡିଛି । ଏଭଳି ପରିସ୍ଥିତିରେ ମା' ନିଜର ଜନ୍ମ କଲା ଦୁଇ ବର୍ଷର ପୁଅକୁ କୀଟନାଶକ ଔଷଧ ପିଆଇ ଦେଇ ନିଜେ ମଧ୍ୟ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଏବେ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଗୁରୁତର ଅବସ୍ଥାରେ ମା' ଓ ପୁଅକୁ ସଇଁନ୍ତଲା ଡାକ୍ତରଖାନାକୁ ଆଣିଥିଲେ । ହେଲେ ଅବସ୍ଥା ଅତି ଗୁରୁତର ହେବାରୁ ମା' ପୁଅକୁ ବଲାଙ୍ଗିରରେ ଭୀମ ଭୋଇ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଦୁଇ ବର୍ଷର ପୁଅର ଅବସ୍ଥା ଅତି ସଂକଟାପନ୍ନ ଥିବା ବେଳେ ତାକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ମା' ଓ ପୁଅର ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଜଣାପଡିଛି ।

# ୧୮ କିଲୋ ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କଲା ଅବକାରୀ ବିଭାଗ



ବ୍ରହ୍ମପୁର, (ସ୍ୱପ୍ର) : ୧୮ କିଲୋ ଗଞ୍ଜେଇ ଜବତ କରି ୨ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ବହୁଳ ପରିମାଣ ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚାଲାଣରେ ସଂପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି । ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରୁ ଅବକାରୀ ବିଭାଗ ଗଞ୍ଜେଇ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଧରିଥିବା ସୂଚନା ରହିଛି ।

# ବାଲୁକା ଶିଳ୍ପୀଙ୍କୁ ଆର୍ଥିକ ସହାୟତା କଲେ ଡାକ୍ତର ଦମ୍ପତି



ପଦ୍ମପୁର, (ନିପ୍ର) : ପ୍ରସିଦ୍ଧ ବାଲୁକା ଶିଳ୍ପୀ କାର୍ତ୍ତିକ ନାଏକଙ୍କ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକତା ଥିବା ବିଷୟ ଖବରକାଗଜରେ ପ୍ରକାଶିତ ହେବା ପରେ ଆଜି ବରଗଡ଼ର ଜଣାଶୁଣା ସମାଜସେବୀ ଦମ୍ପତ୍ତି ଡାକ୍ତର ରାଜେଶ ତ୍ରିପାଠୀ ଏବଂ ଡାକ୍ତର ସୁସ୍ମିତା ତ୍ରିପାଠୀ କାର୍ତ୍ତିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । କାର୍ତ୍ତିକଙ୍କ ପେଟ ରୋଗ ଜନିତ ଗଭୀର ସମସ୍ୟା ଥିବା ଯୋଗୁଁ କଟକର ଡାକ୍ତରଙ୍କ ଦ୍ୱାରା ସେ ଚିକିତ୍ସିତ ହେଉଛନ୍ତି ଏବଂ ମାସକୁ ଔଷଧ ବାବଦରେ ୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେଉଥିବା ଜଣାପଡ଼ିଛି । ଏତିକି ଅର୍ଥ ଯୋଗାଡ଼ କରିବା ଗରିବ ପରିବାର ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି । ଏଠାରେ ସୂଚନାଯୋଗ୍ୟ ଯେ, କାର୍ତ୍ତିକ ନାଏକ ବାଲୁକା କଳା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ତାଙ୍କ କଳା ମାଧ୍ୟମରେ ପ୍ରଦାନ କରିଥାନ୍ତି । ଆଜି ଡାକ୍ତର ଦମ୍ପତ୍ତି କାର୍ତ୍ତିକ ଏବଂ ତାଙ୍କ ବାପା ଘାସିରାମଙ୍କୁ ବରଗଡ଼ ଭଟଲି ଛକ ନିକଟରେ ଥିବା ସାଇକୃପା ନର୍ସିଂହୋମକୁ ଡକାଇ ସମସ୍ତ କାଗଜପତ୍ର ଯାଂଚ କରିବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା କରିଛନ୍ତି । ଏହା ସହିତ ଯଦି ଅସ୍ତ୍ରୋପଚାରରେ ସମ୍ପୂର୍ଣ୍ଣ ସୁସ୍ଥ ହେବେ କାର୍ତ୍ତିକଙ୍କୁ ସାଇକୃପା ନର୍ସିଂହୋମ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଡାକ୍ତର ଦମ୍ପତି ପ୍ରତିଶ୍ରୁତି ଦେଇଛନ୍ତି । ଏହି ମହାନୀୟତା ପାଇଁ ବଦାନ୍ୟ ବନ୍ଧୁ ତରଫରୁ ଉଭୟ ଡାକ୍ତରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ଅସହାୟ ଭାମାଙ୍କୁ କେବେ ମିଳିବ ଆବାସ ଯୋଜନାରେ ଘର



ଖପ୍ରାଖୋଲ, (ନିପ୍ର) : ଖପ୍ରାଖୋଲ ବ୍ଲକ ମାଲପଡା ପଂଚାୟତ ଅନ୍ତର୍ଗତ ଜାମଚୁଆଁ ଗ୍ରାମର ଭାମା ପ୍ରଧାନ ବୟସ ପାଖାପାଖି ୫୫ ରୁ ୬୦ ହେବ । ସ୍ୱାମୀ ୧୫ ବର୍ଷ ଆଗରୁ ଇହଲୀଳା ତ୍ୟାଗ କରିଛନ୍ତି । ପଛରେ ଛାଡି ଯାଇଛନ୍ତି ସ୍ତ୍ରୀ, ଦୁଇ ଝିଅ ଏବଂ ଗୋଟିଏ ପୁଅକୁ । ଭାମା ବହୁ ଅସୁବିଧାର ସମ୍ମୁଖୀନ ହେବା ସତ୍‌ବେ ଦୁଇ ଝିଅଙ୍କୁ ବିବାହ କରିସାରିଲେଣି । ଗୋଟିଏ ବୋଲି ପୁଅ ଜୟରାମ । ଆର୍ଥିକ ଅନାଟନ ସହି ନପାରି ଅନ୍ୟ ରାଜ୍ୟକୁ ଯାଇ କାମ କରୁଛନ୍ତି । ଗତ ପାଂଚ ବର୍ଷ ହେଲା ସେ ଭିଟାମାଟି ମାଡି ନାହାନ୍ତି । ଗାଁରେ ରହି ଯାଇଛନ୍ତି ମା' ଭାମା ଏକାକୀ । ବହୁ ଦିନ ହେଲାଣି ତାଙ୍କ ଘରଟି ଭାଙ୍ଗି ଯାଇଛି । ସେହି ଭଙ୍ଗା ଘରେ ବହୁ ଦୁର୍ଦ୍ଦିନରେ ଜିଉଁଛନ୍ତି । ଆବାସ ଯୋଜନାରେ ଘର ଟିଏ ପାଇଁ ବାରମ୍ବାର ସରପଂଚଙ୍କଠୁ ବିଡ଼ିଓ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ । ମିଳୁଛି ବାର୍ଦ୍ଧକ୍ୟ ଭତ୍ତା ସହ ମାସକୁ ପାଂଚ କିଲୋ ଚାଉଳ । ଏଥିରେ ଘର ସଳଖେଇବାକୁ ସେ ସମାନ୍ୟ ବି ସକ୍ଷମ ନୁହନ୍ତି । ପ୍ରଶାସନ ମୋ' ପ୍ରତି ଟିକିଏ ଦୃଷ୍ଟି ଦେଇ ଆବାସ ଯୋଜନାରେ ଘରଟିଏ ଦେଲେ, ତାଙ୍କୁ ଭଗବାନ ସହାୟ ହେବେ ବୋଲି ବୃଦ୍ଧା ଭାମା କହିଛନ୍ତି ।

# ୧୨ ଜଣ ମାଓବାଦୀଙ୍କ ଆତ୍ମ ସମର୍ପଣ ପୋଲିସ ପାଖରେ

ବିଶାଖାପାଟଣା : ଓଡିଶା ସୀମାନ୍ତ ଆନ୍ଧ୍ରପ୍ରଦେଶ ସୀମାର ବିଶାଖାପାଟଣା ଜିଲ୍ଲାର ୨ଟି ଥାନାରେ ୧୨ଜଣ ମାଓବାଦୀ ଆତ୍ମ ସମର୍ପଣ କରିଥିବା ଖବର ମିଳିଛି । ଚିନ୍ତାପାଲି ଥାନା ନିକଟରେ ୫ ଜଣ ଏବଂ କୋୟୁରୁ ପୁଲିସ ନିକଟରେ ୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆନ୍ଧ୍ରପ୍ରଦେଶ ଏବଂ ଓଡିଶା ସୀମାରେ ଚାଲୁଥିବା ମାଓବାଦୀ ମାନଙ୍କର ମାଓ ସଂଗଠନରେ ଏମାନେ କାମ କରୁଥିଲେ । ଏମାନଙ୍କ ମଧ୍ୟରୁରେ ବହୁତ ଗୁଡାଏ ହାର୍ଡ କୋର୍ଡ ଥିବାବେଳେ ଏମାନଙ୍କ ନାମରେ ଅନେକ ଗୁଡିଏ ମାମଲା ବିଭିନ୍ନ ଥାନାରେ ରହିଛି ବୋଲି ବିଶାଖାପାଟଣାର ଗ୍ରାମାଂଚଳ ଏସ୍‌ପି କହିଛନ୍ତି ।

# ଏହା କେଉଁ ପ୍ରକାରର ମଦ ନିଷେଧ : ବିହାରର ପୁରୁଷମାନେ ମହାରାଷ୍ଟ୍ର ଏବଂ ଗୋଆ ଅପେକ୍ଷା ଅଧିକ ମଦ୍ୟପାନ କରନ୍ତି – ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ



ନୂଆଦିଲ୍ଲୀ : ବିହାରର ଲୋକମାନେ ଅଧିକ ମଦ୍ୟପାନ କରୁଥିବା କଥା ଶୁଣିଲେ ଚକିତ ହେବାକୁ ପଡ଼େ । ବିହାରରେ ଯଦିଓ ମଦ ଉପରେ ନିଷେଧାଦେଶ ରହିଛି, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବ ?କ୍ଷଣ ୨୦୧୯-୨୦ର ଆକଳନରେ ଚକିତ କରିବା ଭଳି ରିପୋର୍ଟ ଆସିଛି । ମଦ୍ୟପାନ ଦୃଷ୍ଟିରୁ ତେଲେଙ୍ଗାନା ଗୋଆଠାରୁ ଆଗରେ ଅଛି ବିହାର । ତମାଖୁ ସେବନ ବିଷୟରେ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଏଠାରେ ଶୀର୍ଷରେ ଅଛନ୍ତି ।

ସର୍ଭେ ଅନୁଯାୟୀ ମଦ ପିଇବା କ୍ଷେତ୍ରରେ ମହାରାଷ୍ଟ୍ରର ପୁରୁଷମାନେ ତୃତୀୟ ସ୍ଥାନରେ ଅଛନ୍ତି । କର୍ଣ୍ଣାଟକର ପୁରୁଷମାନେ ଅଧିକ ମଦ୍ୟପାନ କରନ୍ତି । ନିଷେଧାଦେଶ ଜାରି ଥିବା ରାଜ୍ୟ ବିହାର ଠାରୁ ଗୁଜୁରାଟ, ଜାମ୍ମୁ କାଶ୍ମୀରର ପୁରୁଷମାନେ କମ୍ ପିଅନ୍ତି ମଦ । ତେବେ ପୂର୍ବ ସର୍ବ ?କ୍ଷଣ ତୁଳନାରେ ମଦ୍ୟପାନକାରୀଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ହୋଇଛି କି ନାହିଁ, ତାହା ଜଣା ପଡିନାହିଁ । ୨୦୧୫-୧୬ ସର୍ଭେରେ, ୧୫-୪୯ ବର୍ଷ ବୟସ୍କ ଲୋକଙ୍କୁ ସର୍ଭେ କରାଯାଇଥିବା ବେଳେ ନୂତନ ସର୍ଭେରେ ୧୫ ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇଥିଲେ ।

# ଷ୍ଟାର୍ ସିଙ୍ଗରଙ୍କ ଗୀତ ଗାଇ ଇଂଟରନେଟ୍‌ରେ ବୋବାଲ୍ ମଚେଇଲା ଶୁଆ



ନୂଆଦିଲ୍ଲୀ : ସୋସିଆଲ ମିଡିଆ ବ୍ୟବହାରକାରୀ ପ୍ରାଣୀ ଏବଂ ପକ୍ଷୀମାନଙ୍କର ଭିଡିଓ ପସନ୍ଦ କରୁଥିବା ବେଳେ ଶୁଆ ଟିଏ ଗୀତ ଗାଇ ବୋବାଲ୍ କରିଛି ସୋସିଆଲ ମିଡିଆରେ । ଏଭଳି ଏକ ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ।

ଲୋକମାନେ କେବଳ ଏହି ଭିଡିଓକୁ ପସନ୍ଦ କରିନାହାନ୍ତି, ବରଂ ଏହି ଶୁଆର ସ୍ୱର ଶୁଣିବା ପରେ ସମସ୍ତଙ୍କ ହୃଦୟରେ ଏକ ନିଆରା ସ୍ଥାନ ସୃଷ୍ଟି କରିଛି ଶୁଆ । ଶୁଆଟି ବିୟୋନ୍‌ସେ ଯେପରି ଗାଇଥିଲେ, ଠିକ୍ ସେପରି ଗାଇଛି । ଟିକୋ ଏକ ନଅ ବର୍ଷର ଶୁଆ, ଯିଏ ବ୍ରିଟେନର ଲିଙ୍କନଶିୟର ୱାଇଲ୍ଡ ଲାଇଫ ପାର୍କରେ ରହୁଛି । ଡେଲି ମେଲର ରିପୋର୍ଟ ଅନୁଯାୟୀ, ଏହି ଶୁଆ ଷ୍ଟାର୍ ସିଙ୍ଗରଙ୍କ ଗୀତ ଗାଇ ଇଂଟରନେଟ୍ ସେନ୍‌ସେସ୍ ସୃଷ୍ଟି କରିଛି । ଲୋକଙ୍କ ଶ୍ରଦ୍ଧାର ପାତ୍ର ହୋଇଛି ଶୁଆଟି ।

# ବଏଠା ତଲର ଅନ୍ଧାର୍

## ଶରଦିନ୍ଦୁ ଭୂଷଣ ହୋତା



ନାଗରିକ ଜୀବନର ଚାର୍‌ହିକୁଡି ଇହାଦେ କେତେନି କେତେ ବଏଠା ଜଲୁଛେ । ବଏଠା ମାନ୍‌କର ଉଁକିଆ ଥି ଦିନ୍ ଛୁଟିଗଲା ମେତାନ୍ ଲାଗୁଛେ । ଗଣତନ୍ତ୍ରର ବଏଠା ଜଲୁଛେ । ସାମାଜିକ ନ୍ୟାୟର ବଏଠା ଜଲୁଛେ । ଧର୍ମନିରପେକ୍ଷତାର ବଏଠା ଜଲୁଛେ । ନାରୀ ସଶକ୍ତିକରଣର ବଏଠା ଜଲୁଛେ । ଯୁବ ଜାଗରଣର ବଏଠା ଜଲୁଛେ । ସ୍ୱାଧୀନ ମତପ୍ରକାଶର ବଏଠା ଜଲୁଛେ । ମାନବିକ ଅଧିକାରର ବଏଠା ଜଲୁଛେ । ବିକାଶର ବଏଠା ଜଲୁଛେ । ଏନ୍‌ତା ସବୁକେ ଠୋଲ କରି କରି ଦେଶର୍ ଅଖଣ୍ଡତା ସ୍ୱାଭିମାନ ଆର୍ ସାର୍ବଭୌମିକତାର ବଏଠା ତ' ବଡ୍ ଗଖା ଶିଖା ଟେକି କରି ହୁତ୍ ହୁତ୍ ହେଇ ଜଲୁଛେ । ଏତ୍‌କି ଏତ୍‌କି ବଏଠା ଦିନ୍ ଶୂଇନ୍ ନାଇଁ ଦଁ ଦଁ ଜଲୁଥିଲେ ଭିଲ୍ ବଏଠା ମାନ୍‌କର ତଲେ କିନ୍ତୁ ଗିଲ୍‌ଗିଲା ଅଂଧାର୍ ରହିଛେ । ସେ'ଟା ନ ଇହାଦେ କାଲ୍ କରୁଛେ । ବଏଠା ଜାଲିକରି ଉଁକିଆ ଦିଶୁଥିଲେ ଭିଲ୍ ଅଂଧାର୍ କେ ଗହଡ଼ି ନେଇଁ ହେବାର୍ । ଦୁନିଆଁ ଦେଖୁଛେ ଯେ ଦିଆଲି ବାଗିର୍ ବଏଠା ଜଲୁଛେ । ମାତର୍‌କ ନାଗରିକ ଜୀବନ ଅଂଧାର୍ ଭିତ୍‌ରେ ଦିନୁ ଦିନ୍‌କେ ବୁଡ଼ି ବୁଡ଼୍‌ବୁଡ଼ି ହେଇକରି କପାଲ୍ ଆଦ୍‌ରି ପଡ଼ି ରହିଛେ । ହେଥୁ ମୁକ୍‌ଲି ପାର୍‌ବାର ଉପେ ନେଇଁ । ଦେଶ୍ ସ୍ୱାଧୀନ ହେବାର ଉତ୍‌ରୁ ଇହାଦେକା ଏତ୍‌କି ବଛର୍ ପାର୍ ହେଇଗଲାନ' । ତେଲ୍, ବତୀ ଦେଇ କରି ନୂଆଁ ନୂଆଁ ବଏଠା ମାନ୍‌କୁ ସଜିଲ୍ କରା ହଉଛେ, ମାତର୍‌କ ଅଂଧାର୍ ନେଇଁ ହଟ୍‌ବାର୍ । ହଟ୍‌ବା କାଁଣା, ଆର୍ ଟିକେ ଆର୍ ଟିକେ ଚପ୍‌ଲେଇ ନଉଛେ । ଜୀବନ୍ ଯେତେ ହୁର୍‌ଗୁନି ହେଲେ ବି ହେଥିର୍ ଇଲାଜ୍ ନେଇଁ ମିଲ୍‌ବାର୍ ।

ଠୋଲ୍ କରି ଦେଖ୍‌ଲେ, କେତେନି କେତେ ବଏଠା ଜଲିକରି ଉଜାଲା ଦିଶୁଛେ । ମାରତ୍‌କ ଗୁଟେ ଗୁଟେ କରି ନିଘା କଲେ ଦିଶ୍‌ବା ଯେ ବଏଠା ମାନ୍‌କର ତେଲ୍ ସରି ସରି ଆଉଛେ । ଆର୍ ବତୀ ଭିଲ୍ ଝୁମ୍‌ରି ବସୁଛେ । ଯେଡ଼୍‌କି ଶିଖା ଟେକି କରି ଗଣତନ୍ତ୍ର ବଏଠା ଜଲୁଥିଲା, ଇହାଦେକା ବତୀ ଦବି ଗଲାନ' । ଯାହା ଜନା ପଡୁଛେ, ଆର୍ ବେଶୀ ବେଲ୍ ବଏତର୍ ନେଇଁ ଯାଏ । ହେନ୍‌ତା ହିସାବେ ସବୁ ବଏଠା ମିଉଁ ମିଉଁ କଲେନ' । ତେଲ୍ ସରି ଯାଇକରି ବତୀ ପୁଡ଼ି ଯିବାର ପାଖାପାଖି ହେଇ ବସ୍‌ଲାନ' । ଇ' ହାଲତ୍ ଦେଖିକରି ମନ ଘାଏ ଘାଏ ପଚରଉଛେ ଯେ, ଇନ୍‌ତା କାଏଁଯେ ହେଲା ? ମୂଲୁ ମୂଲୁ ତ' ସବୁ ବଏଠା ତେଲ୍ ପୂର୍‌ତୁନ୍ ଥିଲା ଆର୍ ବତୀ ମାନେ ଭିଲ୍ ବନେ ତାକ୍‌ଡ଼ା ହିସାବେ ଉଁକିଆ ଫିଙ୍କୁଥିଲେ, ଇହାଦେ କାଏଁଟା ହେଲା ? ଏକେସ୍‌କଁଟି ରାହା ଧରିକରି ମନ୍ ଯେତେବେଲେ ପଚ୍‌ରେଇ ତେଲ୍ ଚାଲ୍‌ଲା ହେଥୁ ନିଘା କରି ବସ୍‌ଲା କେ ଜନା ଗଲା ଯେ, ସବୁ ବଏଠାର୍ ଉଁକିଆ ଉଧାରି ଉଁକିଆ ଆଏ । କେହେନ୍‌ସି ଟା ଭିଲ୍ ଅର୍‌ଜିନାଲ୍ ନେଇଁସେ । ଭାରତର୍ ସମ୍ବିଧାନ୍ ଭିଲ୍ ତ' ଅଏଁଠା ବିଚାର କେ ଆସ୍‌ରେ କରି ତିଆରି ହେଇଛେ । ନିଜର୍ ବଢ଼ା ଭାତ ଥାଲି ନେଇଁସେ । ବିଦେଶୀ ବିଚାର ବଢ଼ା ହେଇଥିଲା । ବିଦେଶୀ ଶାସକ ମାନେ ଭୋଗ ଦଖଲ୍ କରି କରି ତାକର ବତ୍‌ରେ ଶାସନ କରୁଥିଲେ । ଠାଁ'ନୁ ଉଠିକରି ସେମାନେ ଦେଶ୍ ଛାଡ଼୍‌ଲା କେ ସେ ଲିତାସାଲେ ନ' ଆମର୍ ନେତାମାନେ ବସି ପଡ଼୍‌ଲେ । ସେମାନେ ଛାଡ଼ି ଯାଇଥିବାର ଗଣତନ୍ତ୍ର, ଧର୍ମନିରପେକ୍ଷତା, ସାମାଜିକ ନ୍ୟାୟ, ସାର୍ବଭୌମତ୍ୱ ଆଦି ଇତ୍ୟାଦିର ବିଚାର କେ ବଡ଼ା ହେପାଜତ୍ ଥି ସାଆଁଲି ସଁକଲି କରି ଭାରତର୍ ସମ୍ବିଧାନ୍ ବଲ୍‌ବାର ଥାଲି ସଜ୍‌ଡ଼ା ହେଲା । ମାତର୍‌କ ମାଗି ଆନିଥିବାର ତୁନ୍ ତ' ସୁର୍‌ପେ । ଅଏଁଠା ବିଚାର ଆର୍ ଉଧାରି ସିଦ୍ଧାନ୍ତ କେ ଧରିକରି ବଏଠା ମାନେ ଗଢ଼ାଗଲା । ସେ ବଏଠା ମାନ୍‌କୁ ଦେଶୀ ନେତାମାନେ ନିଜର ଆତ୍ମ ପ୍ରତିଷ୍ଠାର ବତୀ ଦେଇକରି ସଜ୍‌ଡ଼ାଲେ । ନ୍ୟସ୍ତ ସ୍ୱାର୍ଥ ବଲ୍‌ବାର୍ ତେଲ୍ ଥି ବଏଠା ପୂର୍‌ତୁନ କରି ଜାଲ୍‌ଲେ । ତେଲ୍ ଆର୍ ବତୀ କେହେନ୍‌ସି ଟା ସଫା ନେଇଁଥାଇ । ବଏଠା ବି ନିଜର ବତ୍‌ରେ ସୁତ୍‌ରେ ନେଇଁ ଗଢ଼ା ହେଇ । ଯାହା ଭିଲ୍ ହଉ, ବଡ଼ା ମେହେନତ୍ ଥି ବତୀ ଟେକିଟାକି କରି ଏତ୍‌କି ଦିନ ଚଲିଗଲା । ଏତ୍‌କି ବେଲ୍‌କେ ବତୀ ବି ମଲ୍‌ଚିଆ ଆର୍ ତେଲ୍ ବି ବିଚ୍‌କିଟିଆ ଧର୍‌ଲାନ' । ବନେ ଭାବେ ନେଇଁ ଉଁକିଆ ଦେଇପାର୍‌ବାର୍ । ଆତ୍ମପ୍ରତିଷ୍ଠାର ବତୀ ଇହାଦେ କା ଦୁର୍ନୀତି ଭ୍ରଷ୍ଟାଚାର୍‌ର ମଏଲା ଥି ପୂର୍‌ତୁନ୍ । ନ୍ୟସ୍ତ ସ୍ୱାର୍ଥର ତେଲ୍ ହୀନ୍‌ମନିଆଁ ଭାବର୍ ଚିକ୍‌ଟା ଥି ଭର୍‌ତି ।

> *ଦେଶ କେ ଘେରି ରହିଥିବାର ସମସ୍ୟା ମାନ୍‌କର ସମାଧାନ ଭିଲ୍ ଉଧାରି ଆଇଡ଼ିଆ ଥି କରା ଯଉଛେ । ମୂଲ୍ କେ ମାରି ଦେଇ କରି ଡାଲେ ପାଏନ୍ ଢ଼ଲା ହଉଛେ । ଡାଲେ ପାଏନ୍ ଦିଆର୍ ଭୁର୍‌କୁଟି ଥି ହଜାର ହଜାର କୋଟି ଢ଼ଲା ହଉଛେ । ଦିନ ରାଏତ୍ ଏକ୍ କରି କରି ଧାଁ ଦଉଡ୍ ଚାଲିଛେ । ଯେ ଯାହା ଭିଲ୍ କରୁଛେ ସବୁଥିଁ ମତ୍‌ଲବ୍ । ଫି' କଥା ଥି ହେବାର ପାଏବାର୍ ଲୋଭ୍ ।*

ଭାରତ ବର୍ଷେ ଭିଲ୍ ନିଜର୍ ହିସାବେ ଗଣତନ୍ତ୍ରର ବୁନିଆଦ୍ ଥିଲା । ଧର୍ମ ସମନ୍ୱୟର ବିଚାର ଥିଲା । ନାରୀ ମାନ୍‌କୁ ଉଁଚା ଦରଜା ଥି ରଖିକରି ଇଜ୍ଜତ ଦିଆ ହଉଥିଲା । ସାମାଜିକ ଜୀବନ ଗୋଲ୍‌ମୋଟେଲ୍ ଭାବେ ଗଢ଼ା ହେଇପାର୍‌ବାର ବିଚାର୍ ରହିଥିଲା । ସେ ବୁନିଆଦ୍ ଧରିକରି ନୂଆଁ ଭାରତ୍‌ର ସମ୍ବିଧାନ ତିଆରି ହେଇଥିଲା । ମାତର୍‌କ ନୂଆଁ ଭାରତ ଗଢ଼୍‌ବାର ଲୁକେ ବିଦେଶୀ ଢ଼ାଁଚା ଥି ଶିକ୍ଷା ପାଇଥିଲେ । ସେମାନକର୍ ମୁଡ଼୍ ମଗଜ୍ ସେ ସୁତ୍‌ରେ ଚଲୁଥିଲା । ଭାରତ୍‌ର ଆତ୍ମା କେ ଚିନ୍‌ହି କରି ନୂଆଁ ଭାରତ୍‌ର ନିଅମ ଗଢ଼୍‌ବାର୍ ମନ ସେମାନ୍‌କର ନେଇଁ ଥାଇ । ଚଟ୍ ଜଲ୍‌ଦି କ୍ଷମତା ହାତ୍‌କେ ନେବାର୍ ଲାଗି ହର୍‌ବର୍ ହେଇ ପଡ଼୍‌ଲେ । ଭାରତ୍‌ର ବୁନିଆଦ୍ ଭିତ୍‌ରୁ ଲୋକ ଜୀବନ ଭିତ୍‌ରେ ଗୁଁଥି ହେଇଥିବାର ଜୀବନ୍‌ବାଦୀ ଢ଼ାଁଚା କେ ନୁରି ଖୁଜି ନୂଆଁ ସମିଆଁର ତାଲେ ସମ୍ବିଧାନ ବନାବାର ଲାଗି ସେମାନ୍‌କର ତର୍ ନେଇଁ ସହେଲା । ଯେନ୍‌ତା ଭିଲ୍ ହଉ, ବିଦେଶୀ ସମ୍ବିଧାନ କେ ଦେଶୀ ଜର୍‌ସି ପିନ୍ଧେଇ କରି ସେମାନେ କାମ୍ ଚଲାଲେ । ଫଲ୍ ଏତ୍‌କି ବେଲ୍‌କେ ଯାହା ହେବାର ହେଇଚାଲିଛେ । ବ୍ରିଟିଶ୍ ବିଚାରର ଅଏଁଠା ଖାଇକରି ଆର୍ ସେମାନେ ପିନ୍ଧି ସାରିକରି ପାଲ୍‌ଟି ଦେଇଥିବାର ଢ଼ାଁଚା ପିନ୍ଧିକରି ସ୍ୱାଧୀନ ଭାରତ କେ ବଡ଼ା ଲୋକହଁସା ଭାବେ ଚଲାବାକେ ପଡୁଛେ ।

ମହାତ୍ମାଗାନ୍ଧୀ ଭାରତ୍ ଆତ୍ମାର ବଏଠା ଜଲେଇ ପାରିଥିଲେ । ବିନା ବତୀ ଆର୍ ତେଲ୍ ଥି ସେଟା ଏନ୍‌ତା ଉଁକିଆ ଦେଇଥିଲା ଯେ କୋଟି କୋଟି ଅନ୍‌ପଢ଼୍, ଅଶିକ୍ଷିତ, ଗଆଁଲିଆ ଲୋକର ଭିଲ୍ ଚେତନା ଥି ମୁକ୍ତିର ଧର୍‌ସା ପର୍‌ଛା ଭାବେ ଖୁଲି ଦେଇଥିଲା । ସ୍ୱାଧୀନତାର ଲଢ଼େଇ ବେଲେ ଯେତ୍‌କି ମୁରୁଖ ଲୋକର ଆତ୍ମା ଜାଗିଥିଲା ସେ ବଏଠା ଥି କିଛି ଲାଭର ଲୋଭ ନେଇଁଥାଇ । ଇ'ଟା ପାଏମୁଁ କି ସେ'ଟା ବନ୍‌ମୁ ବଲି ସେମାନେ ଜୀବନ ଦାନ ନେଇଁକରି । ସେମାନକର ଇମାନ୍‌ଦାର ଆତ୍ମତ୍ୟାଗ ଉପ୍‌ରେ ସ୍ୱାଧୀନତା ମିଲି ପାର୍‌ଲା । ମାତର୍‌କ ଯେତ୍‌କି ବେଇମାନୀ ସବୁ କଲେ ଟୁପେ ଟୁପେ ଇଂଲିସ୍ ପାଠ୍ ପଢ଼ିଥିବାର ଲୁକେ । ଭାରତ ଆତ୍ମାର ବଏଠା ଯେନ୍‌ଟା ଗାନ୍ଧୀ ବୁଢ଼ା ଜାଲି ପାରିଥିଲେ, ସେ'ଟା କେ ଫୁ କରି ଫୁକି ଦେଲେ ଆର୍ ଲିଭେଇ ଦେଲେ । ଅଏଁଠା ତୁନ୍ ସୁଆଦ୍ ଲାଗ୍‌ଲେ ଭିଲ୍ ସେନୁଁ ନ' ଆରମ୍ଭ ହେଇଗଲା ଲଲ୍‌ହିଆ ଜୀବ୍‌କା । ଅଏଁଠା ବିଚାର୍‌ର ମାହୋଲ୍ ଖୁଲି ଗଲା । ସ୍ୱାଧୀନ ଭାରତ୍ ଥି ଇହାଦେ ଏନ୍‌ତା ହେଇଗଲା ଯେ, ଯାହା ଖାଏବ, ଯାହା ପିନ୍ଧବ, ଯାହା ଭାବ୍‌ବ, ଯାହା କର୍‌ବ ସବୁ ଉଧାରି ବିଚାର୍ କେ ଆସ୍‌ରା କରି ଚଲୁଛେ । ନିଜର ବଲ୍‌ବାର କେ କିଛି ନେଇଁ ।

ଦେଶ କେ ଘେରି ରହିଥିବାର ସମସ୍ୟା ମାନ୍‌କର ସମାଧାନ ଭିଲ୍ ଉଧାରି ଆଇଡ଼ିଆ ଥି କରା ଯଉଛେ । ମୂଲ୍ କେ ମାରି ଦେଇ କରି ଡାଲେ ପାଏନ୍ ଢ଼ଲା ହଉଛେ । ଡାଲେ ପାଏନ୍ ଦିଆର୍ ଭୁର୍‌କୁଟି ଥି ହଜାର ହଜାର କୋଟି ଢ଼ଲା ହଉଛେ । ଦିନ ରାଏତ୍ ଏକ୍ କରି କରି ଧାଁ ଦଉଡ୍ ଚାଲିଛେ । ଯେ ଯାହା ଭିଲ୍ କରୁଛେ ସବୁଥିଁ ମତ୍‌ଲବ୍ । ଫି' କଥା ଥି ହେବାର ପାଏବାର୍ ଲୋଭ୍ ।

ଉଧାରି ଉଁକିଆ ଥି ଯେତେ ଯେତେ ବଏଠା ଜଲ୍‌ଲେ ଭିଲ୍ ଜୀବନ୍ କେ ସାଫ୍ ସୁତର୍ କରି ଗଢ଼ି ନେଇଁ ପାରେ । ସେଥିର ବତୀ ବି ନକ୍‌ଲି ଆର୍ ତେଲ୍ ଭିଲ୍ ଭେଜାଲ୍ । ଘଡ଼େ ଛନେ ଝଲ୍‌ସେଇ ଦେଲେ ଭିଲ୍ ନିଜର ତଲର୍ ଅଂଧାର୍ କେ ନେଇଁ ଗହଡ଼ି ପାରେ । ହେଥିର୍ ଲାଗି ବିନା ତେଲ୍, ବିନା ବତୀର୍ ଆତ୍ମା ଦୀପ୍ ଜଲ୍‌ଲେ ଯାଇ ପୂରା ଜୀବନ ଝଲ୍‌ସିବା । ନେଇଁ ହେଲେ ଯେତେ ଗହମତ୍ ଥି ଦିଆଲି ବାଗିର୍ ବଏଠା ଧରଉଥିଲେ ଭିଲ୍ ମୁନୁଷ୍‌ର ଜୀବନ କରପନ୍ ଆବ୍‌ରି ଥିବାର ଅଂଧାର ନେଇଁ ଯାଏ । ଏତ୍‌କି କେଚ୍‌କେଟା ହେଇକରି ହିନିସ୍ତା ଉଖ୍‌ଲା ଭୋଗି ସାରିକରି ଦୁନିଆଁର ଆଗେ ଲୋକ ହଁସା ହେବାର ଉତରୁ ହେଲେ ଇ' କଥା ବୁଝି ପାର୍‌ବାର ସମିଆଁ ଇହାଦେକା ଅମ୍‌ରି ସାଏଲାନ' । ଆମେ ବୁଝି ପାର୍‌ଲେ ହେଲା ।

ପହେଲା ସମଲ୍‌ପୁରୀ / କୋଶଲୀ ଆଧୁନିକ କବିତା ସଂକଲନ୍ 'ୟୁଲିସିସ୍ ଆଉର୍ ଶାଲିଗ୍ରାମ୍'ର କବି ଜୟଦେବ ଦଣ୍ଡସେନା ସମ୍ବଲପୁର ସହରର୍ କୁଂଜେଲ୍‌ପଡ଼ା ନ' ୧୯୩୬ ସାଲେ ଜନମ୍ ହେଇଥିଲେ । ଗଙ୍ଗାଧର ମେହେର କଲେଜ୍‌ନୁଁ ଇଂଲିଶ୍ ସାହିତ୍ୟ ଥି ଏମ୍.ଏ. ପାଶ୍ କଲା ଉତ୍‌ରୁ ସେ କଲେଜ୍‌ମାନ୍‌କୁ ଅଧ୍ୟାପକ୍ ହିସାବେ ପାଠ୍ ପଢ଼େଇ କରି ୨୦୦୬ ସାଲେ ସୋନ୍‌ପୁର କଲେଜ୍‌ର ପ୍ରିନ୍‌ସ୍‌ପାଲ୍ ହେଇକରି ଅବସର୍ ନେଲେ । ଇ' ବଛର୍ ତାଁକୁ ସମଲପୁରୀ ଭାଷା ସାହିତ୍ୟ ସମ୍ମାନ ଥି ସମ୍ବଲପୁର ୟୁନିଭର୍‌ସିଟି ସମ୍ମାନିତ କରିଛେ ।

**କବି ପ୍ରଫେସର୍ ଜୟଦେବ ଦଣ୍ଡସେନା ଇ' ସଂଖ୍ୟା ଥି ଜର୍ମାନ୍ କବି ରେନର୍ ମେରିଆ ରିଲ୍‌କେଙ୍କର୍ ତିନ୍‌ଟା କବିତା ଅନୁସୃଜନ କରିଛନ୍ ।**



### ମୁନୁଷ

ହେ' ପୋଲ୍ ଉପ୍‌ରେ ଯେନ୍ ଅନ୍ଧା ଲୋକ୍‌ଟା ଠିଆ ହେଇଛେ
କେନ୍ ବେନାମୀ ଅଞ୍ଚଲର୍ ମାଇଲ୍‌ଖୁଁଟ ବାଗିର୍ ଧୂଲିଆ ହେଇ
ସେ ବୋଧହୁଏ ସେହି ଜିନିଷ୍ ଆଏ, ସବୁବେଲେ ସେହି ଝନ୍‌କ
ଯା'ର୍ ଚାର୍‌ହିକୁତି ଭାଉଁର୍ ଭାଉଁର କରି କେତ୍‌ନେଇଁ କେତେ
ଧ୍ରୁବ ତାରା ସମୟ କିନ୍ଦିର୍‌ସି
– ତାରାମାଲର୍ ନିଶ୍ଚଲ୍ କେନ୍ଦ୍ରବିନ୍ଦୁ ।
କାରଣ୍, ତାର୍ ଚାର୍‌ହିକୁତି ହରେକ୍ ଜିନିଷ
କିନ୍ଦିରି ବୁଲ୍‌ସି, ବୁହି ଯାଏସି ଆଉର୍ ଦେଖାସି ଜାକ୍‌ଜମକ୍ ।

ଇ' ଗୁନ୍ଦ୍‌ଲାଗୁପା ବାଟ୍‌ଘାଟ୍ ଭିତ୍‌ରେ ଖଂଜା ହେଇକରି
ହେଇ ଲୋକ୍‌ଟା ଆଏ ସ୍ଥିର୍ ସଚ୍ଚୋଟ୍
ଇ' ଉଫ୍‌ଲା ମୁନୁଷ୍‌ସମାଜ୍ ଭିତ୍‌ରେ
ହେଇ ଆଏ ପାତାଲ୍‌ପୁରୀକେ ଅନ୍ଧକାର୍‌ମୟ ବାଟ୍ ।



### ତୁଇ ମାହାପୁରୁ

ତୁଇ ମାହାପୁରୁ କେନ୍ତା କର୍‌ବୁ ମୁଇଁ ମରିଗଲେ ?
ମୁଇଁ ତ' ତୋର୍ ମଠିଆ ଆଏଁ
ଭାଙ୍ଗିରୁଚି କରି କୁର୍‌କୁଟି ହେଲେ କେନ୍ତା ହେବା ?
ମୁଇଁ ତ' ତୋର୍ ପାଏନ୍ ଆଏଁ;
ମାଏଟ୍ କାଦୋ ହେଇ ଅସ୍‌କଟ୍ ହେଲେ କେନ୍ତା ହେବା ?
ମୁଇଁ ତୋର୍ ପିନ୍ଧନାପଟା, ତୋର୍ ବୃତ୍ତି;
ମୋର୍ ସଙ୍ଗେ ସତେ ସରିଯିବା ତୋର୍ ମତ୍‌ଲବ୍‌ଟା ।

ମୋର୍ ଉତାରୁ ତୋର୍ ଆଉର୍ ଇ'ନେ ଘର୍ ନାଇଁନ'
ଦୁଖର୍ ସୁଖର୍ ଉଷୁମ୍ କଥା ଦୁଇପଦ୍ ତତେ ମିଲ୍‌ବା ଯେ'ନ ।
ମୁଇଁ ଆଏଁ ତୋର୍ ପଦମ୍ ପାଦ୍‌କା
ଅଥାବିଥା ତୋର୍ ପାଦ୍‌ତଲୁ ସତେ ହିଟ୍‌ବା ହେଟା ।

ହାତ୍‌ଛଡ଼ା ତୋର୍ ହେଇଯିବା ଇ' କେଡ଼େନେଇଁ କେଡ଼େ ଉଡ଼୍‌ନା ଟା,
ମୋର୍ ଗାଲ୍ ଯେନ୍ ଧରି ରଖୁଥିଲା ମୁଚ୍‌ଲା ବାଗିର୍
ଆରାମ୍ ଥି ତୋର୍ ଦୃଷ୍ଟିଟା
ହେ'ଟା ଆସିକରି ଖୁଜିଯିବା ମତେ ଘଡ଼େ ଯାକର୍,
ଆଉର୍ ତାହେଁରୁ ବେଲ୍ ବୁଡ଼ିଗଲେ
ଢ଼ଲ୍‌ଙ୍ଗି ପଡ଼୍‌ବା ଅଜନା ଅଚିହ୍ନା ପଥର୍ କୁଲେ ।
ତୁଇ ମାହାପୁରୁ କେନ୍‌ତା କର୍‌ବୁ ? ମୋର୍ ଡର୍ ।

### ମାହାପୁରୁ ଝନ୍‌ଗନ୍‌ତା




ମାହାପୁରୁ ଝନ୍‌ଗନ୍‌ତା ସବ୍‌କୁ କହେସନ୍
ସେତାକୁ ଖାଲି ବନାଲା ଆଗୁଁ
ଆଉର୍ ତାହାରୁ ଚୁପ୍‌ଚାପ୍ ହେଇ ସାଙ୍ଗେ ଚାଲ୍‌ସନ୍
ତାକର୍ ସାଙ୍ଗେ ଅନ୍ଧାର ଭିତ୍‌ରୁ ।
ବାକି ପ୍ରତ୍ୟେକ ଲୋକ୍ ସୁରୁ କଲା ଆଗୁଁ
ସେ କଥା ଗୁଡ଼ାକ ସେ ଧୁଁଧ୍‌ଲିଆ କଥା ଗୁଡ଼ାକ;
''ଇନ୍ଦ୍ରିୟମାନ୍‌କର୍ ଉପ୍‌ରେ ସବାର୍ ହେଇକରି ପଠା ହଉଛେ
କାମନାମାନ୍‌କର୍ ଧଡ଼ିତକ୍ ଯ,
ମତେ ପିନ୍ଧ୍‌ନା ଦିଅ ।

ଜିନିଷ୍‌ମାନ୍‌କର ପଛ୍‌ଆଡ଼େ ମହାଗ୍ନି ବାଗିର୍ ବଡ଼୍
ଯେନ୍ତାକି ସେତାକର୍ ଛାଏଁ ବଢ଼ି ବଢ଼ି କରି ମତେ ପୂରାପୂରି ଢ଼ାପିଦେବା ।
ତମ୍‌କୁ ସବୁ ଘଟୁ ! ଉଭାଗର୍ ଆଉର୍ ଡର୍‌ଡରାନ୍
ଆଗ୍‌କେ ଯିବାକେ ହିଁ ହେବା; କେନ୍‌ସି ଅନୁଭୂତିର୍ ଶେଷ୍
ମୋର୍‌ନୁଁ ତୁମ୍‌କୁ ଅଲ୍‌ଗା ନାଇଁ କର
ଇ' ପାଶେ ଅଛେ ସେ ଦେଶ୍ ଯା'ର ନାଁ ଜୀବନ୍ ।
ତୁ;ମ ଇ'ଟା ଚିହ୍ନି ପାର୍‌ବ
ଇତାର୍ ଗାମ୍ଭୀର୍ଯ୍ୟ ଦେଖିକରି । ମୋର୍ ହାତ୍ ଧର ।।

## ଗୌରାଙ୍ଗ ଚନ୍ଦ୍ର ଦାଶଙ୍କ କବିତା

# ଜୀବନ



ଜୀବନ
କଉଁଠି ଫୁଲର ଶେଜରେ
ତ' କେଉଁଠି କଣ୍ଟାବଣରେ..
କଉଁଠି ଘିଅ ମହୁରେ ପହଁରୁଛି ଜୀବନ
ତ' କେଉଁଠି ହାଉଁ ହାଉଁ ପେଟ ଭିତରେ
ଛଟ୍‌ପଟଉଛି ପାଣି ବିହୀନ ମାଛ ପରି ।

ହୋଟେଲ ସାମ୍ନାରେ ଥାଳି ଥାଳି
ଗୁଲୁଗୁଲା, ବରା, ସମୋସା
ଲାଳ ଗଡ଼ିଯାଉଥାଏ ଭୋକିଲା ପିଲାଟିର
ପେଟ ପାତାଳକୁ ଲାଗି ଯାଇ ସାରିଥାଏ
କେତେବେଳୁ....
କେତେବେଳେ ଥାଳି ଉପରେ ଆଖି
ତ' କେତେବେଳେ ହୋଟେଲ ମାଲିକକୁ
ଆଉ କେତେବେଳେ ଦେଖଣା ବାଲାଙ୍କୁ
ଯାହା ହେଲେ ହେବ ଭାବି ବିକଳ ପିଲାଟି
ହାତ ବଢ଼େଇଛି କି ନାଇଁ ଗୁଲୁଗୁଲା ଥାଳିକୁ
ଧାଇଁ ଆସିଲା ହୋଟେଲ୍ ମାଲିକ ଓ
ପିଠିରେ ଲଗେଇଲା ଗୋଟେ ଜୋର୍‌ସୋର୍
ପିଲାଟି ଚିର୍ଲ୍ଲେଇଲା- "ମରିଗଲି....."

ମାଲିକ ବି ଗର୍ଜିଲା- ଶଳା ଧନ୍ଦା ଲଗେଇଛୁ,
ଆଉ ଥରେ ଯଦି ହୋଟେଲ ସାମ୍ନାକୁ ଆଇଛୁ
ହାତ କାଟି ଚୁଲ୍‌ହାରେ ଦେଇଦେବି ।

ଭୋକ ଅଥଚ କୁଆଡ଼େ କୁଆଡ଼େ
ଓଟାରି ନେଉଥାଏ ତା'କୁ
ଏଥର ହୋଟେଲ ପଛକୁ ଧାଇଁଲା ପିଲାଟି
ଅତରଛା
ଅଇଁଠା ପତର ଚାଟିବା ଲୋଭରେ...
ସେଠି କୁକୁରଙ୍କ ଭିଡ଼ ଜୋର୍ ।
ସେଇ ଭିଡ଼ ଭିତରେ ପଶି ପତର ଚାଟି ଚାଟି
ଅଣ୍ଟାଳୁଥାଏ ସେଇଠି ଜୀବନ
ବିକଳ ପିଲାଟି ।

କଉଁଠି ମହ ମହ ବାସ୍ନାରେ
ମସ୍‌ଗୁଲ୍ ଜୀବନ
କଉଁଠି ଅଇଁଠା ପତର ଚାଟୁଛି
କୁକୁର ଭିଡ଼ରେ !!

ସାରନଗରୀ, ରାଉରକେଲା

# ସ୍ୱପ୍ନ ସକାଳର ଓ ଭୋକ କପାଳର

## ଶାଶ୍ୱତୀ ସାହୁ



ରାତି ସାରା ବେଶ୍ ଉଷୁମ ଥିଲା ମନ
ସ୍ୱପ୍ନରେ
କେଉଁ ଉଡ଼ାଣ୍‌ଖୋର୍ ଘୋଡ଼ା
ଉଡ଼େଇ ନଉଥିଲା ରାଇଜ ରାଇଜ ।

ସକାଳ ହେବା ବେଳକୁ ସବୁ
ଶୂନ୍
ନିର୍ଦ୍ଦୟ ବାସ୍ତବତା
କଟୁରୀ ଧରି ହାଣୁଥିଲା ଟିକ୍ ଟିକ୍
ସ୍ୱପ୍ନଂକ ଗହଳ ଚହଳ
ଅରଣ୍ୟ ।

ଭୋକ
ଅଂଟା ଭିଡୁଥିଲା ଘର ବାରଣ୍ଡାରେ
ମୁଁ ଆଶଙ୍କିତ ହେଇ
ଚାହୁଁଥାଏ ତାକୁ
ତା'ର ଘୋଟି ଆସୁଥିବା
କଳା ମଚ୍ ମଚ୍ ଆଖିକୁ ।

କପାଳରେ ହାତ ମାରିଲା ବେଳେ
ମୁଁ ବାରି ପାରୁଥିଲି ବେଶ୍
ଭୋକର ମାନଚିତ୍ର
ଓ ଟୁକୁଡ଼ା ଟୁକୁଡ଼ା ସ୍ୱପ୍ନଙ୍କ
କୋଳାହଳ ।।

# କାକର

## ମନ୍ମୟ କୁମାର

ଏ କାକର ଠୋପା
ଆକାଶର ଲୁହ କି ?
କେଜାଣି....କିଏ କହିବ !

କୁରୁଳି ଉଠୁଥିବା ଚେନାଏ ଶୀତ
ଆହୁରି ଜାକିଜୁକି ହେଇ
ଲଟ୍‌କି ଯାଉଛି କମ୍ବଳ ଭିତରେ ।

ସକାଳୁ ସକାଳୁ
କାକର ଠୋପାଙ୍କୁ ସାଉଁଟି
ଦେଖିବାକୁ ବେଳେ
ଝଲ୍‌ମଲ୍ ନିଜ ମୁହଁ
ବେଶ୍ ଶୀତୁଆ ଶୀତୁଆ ।

କିନ୍ତୁ ଏ ଠୋପା ଠୋପା କାକର
ଆସିଲା କଉଁଠୁ....

ବେଶ୍ ଫର୍ଚ୍ଚା ଫର୍ଚ୍ଚା
ମୁଠାଏ ମୁକୁତା ....

କାହାର ନିଷ୍ପାପ ଆଖିର
ଠୋପା ଠୋପା ଆନନ୍ଦାଶ୍ରୁ ବି ହୋଇପାରେ
ନହେଲେ
ଏତେ ସଫା ଲାଗନ୍ତା କାହିଁକି... ?

ଶୀତ କିନ୍ତୁ କେଉଁଠି ନା କେଉଁଠି
କଡ଼ ଲେଉଟାଉଛି ନିର୍ଭିକ୍‌ରେ
ତମ ଭିତରେ, ମୋ' ଭିତରେ
ଜଗତ ଭିତରେ.... ।

ତେବେ କାକର ଠୋପାଙ୍କୁ
ସାଉଁଟି ରଖିବା ତ' ମୁସ୍‌କିଲ୍
କିଛି ସମୟ ମନଭରି
ଉପଭୋଗିବା ଆସ ।।

# କରମ୍ କପାଲ୍



## ନାଟ୍ୟଶ୍ରୀ ନିସାର୍ ଅହମ୍ମଦ ନିସାର୍

ଢ଼ଡ଼ୋ ବରଗଛର ଡାଲ ଆଏଜ ବି ବର୍‌କସ ହେଇ ମେଲେଇ ହେଇଛେ କେନ୍ କାଲୁ । ପତର୍‌ମାନେ ବୁଢ଼ଉଛେ, ଫେନ୍ କଅଁଳି ପତର ପାଆଁଳି ଯଉଛେ । ବୁଢ଼ା ବରଗଛ ବାଲ୍‌କେ ତା'ର କଲର କଲା ମେତାନ୍ ଜୁଆନ୍ ହେବାର ଅବ୍‌ଗା ବଛର୍‌କେ ଘାଏ ଲାଗ୍‌ସି । ଲୁକେ କହେସନ୍ ମସାନ୍‌ପଦା ଇଟା କେଭେ ଥିଲା ପରେ । ଏଛେନ୍ ଗାଁର ଝନେ ଇ'ଟା ସିଆନ ହେଇ ରହିଛେ । ବିହା ବର୍‌ପନ ପୂଜା ଧଜା ସବୁ ଶୁଭ କାମେ ଇନେ ମୁଡ଼ିଆ ମାର୍‌ବାର୍‌ଟା ଗୁଟେ ପରମ୍ପରା ହେଇ ଗଲାନ' । ଯୁଆନ୍ ଭେଁଡ଼ିଆ ମାନେ ଇ ଗଛ ତଲେ ଘଣ୍ଟା ଘଣ୍ଟା ବସ୍‌ବାର ଲାଗି ସଉକ ଧର୍‌ସନ୍ । ନୁଆଁ ଭୁଆସେନ୍ ମାନେ ମୁଡ଼ିଆ ମାରି ଜିଉଁତିଆ ବାନ୍ଧସନ୍ । ଗୁଟେ ବିଶ୍ୱାସ ଯେ, ତାକର ବିହାତି ଜୀବନ୍ ସାର୍‌ଥକ ହେବା ବଲି ।

ଆଏଜ ଇ ବର୍‌ତଲ ଗରଜି ଯଉଛେ ଢ଼ୋଲ୍ ନିସାନ୍ ଆର ତାସା ମୁହୁରିର୍ ଶବଦ୍ ଥି । ବଛର୍‌କିଆ ପରବ ମନଉଛନ ଇ ଗାଁର ଲୁକେ । ସରପଞ୍ଚ ନୁ ନେଇକରି ୱାଡ଼ମେମର ତକ, ବୁଢ଼ା ନୁଁ ନେଇ କରି ଛୁଆ ତକ ସଭେ ଇ'ନେ ଠୋଲ୍ । ଧଙ୍ଗ୍‌ରା ଧାଙ୍ଗ୍‌ରି ମାନେ ଜୁଲି ଜୁଲି ହେଇ ନାଚ୍‌ଗୀତ କରୁଛନ୍ । ଏନ୍‌ତା ଲାଗୁଛେ, ଜେନ୍‌ତା କି ସଁସାରର ସବୁ ଗହକି ଆଏଜ୍ ଇ'ନେ ଠୋଲ୍ ହେଇଛେ । ଭୁଜିଭାତି ବି ଘୋଟ୍ ଘୁମର୍ ଚାଲିଛେ । ଗାଁର ଝାଁକର ଆଏଜ ଇ'ନ ମାଉଲି ଗୁଡ଼ିର ଖଁଡ଼ା ପୂଜା କରିଛେ । ଖଁଡ଼ା ପୂଜା ହେଲେ ଗଜା ମଦ ଉଖୁଡ଼ା ଭୋଗ ଲାଗ୍‌ସି । ମାଏଝି ମାନେ ଉପାସ ରହେସନ୍ ଖଁଡ଼ା ପୂଜା ସରକାର ପତେ ମୁହେଁ ପାଏନ୍ ଥୁପେ ବି ନେଇଁ ଦିଅନ୍ । ପୂଜା ସର୍‌ଲେ ସଭେ ସଉକି ଗହକି ହେଇ ଖଜା ମିଠେ, ଲଡୁ ଉଖ୍‌ରା ଯେ ଯେନ୍‌ତା ଖାଏସନ୍ । ସେନେ ତାକର୍ ହାରିଗୁହାରୀ କର୍‌ସନ୍ ।

ଗାଁର ସନାତନ ବୈଠକିର ପିଲାମାନେ ନିଜର ଏମ୍‌ଏଲ୍‌ଏ ଆଜ୍ଞା କେ ଡାକିଛନ୍ ଇ' ପରବ୍ କେ । ଏମ୍‌ଏଲ୍‌ଏ ଆଜ୍ଞା ଠିକ୍ ସମିଆଁ ନେ ଆସିକରି ହାଜର୍ ବି ହେଇଛନ୍ । ତାକର ଲାଗି ଚାହା ପାଏନ, ଜଲ୍‌ଖିଆ, ଟେବୁଲ୍ ଚଉକି, ମାଇକ୍ ସେଟ୍, ଟେଣ୍ଟ ଗଡ଼ାଗୁଡ଼ି ... ସବୁ ବ୍ୟବସ୍ଥା ହେଇଛେ । ଫୁଲ୍ ମାଲ ସାଁଗେ ସଜେଇ ଦେଇଛନ ଏମ୍‌ଏଲ୍‌ଏ ଆଜ୍ଞା କେ । ତାକର ଭାଷନ ଶୁନ୍‌ବାକେ ଗୁହୁଡ଼ା ଗୁହୁଡ଼ା ଲୋକ ଟାକି ବସିଛନ । ଟିକେ ସମିଆଁ ଗଲା ଉତ୍‌ରୁ ଏମ୍‌ଏଲ୍‌ଏ ଆଜ୍ଞା ନିଜର କୁର୍‌ଚି ନୁଁ ଉଠିକରି ମାଇକ୍‌ଟାକେ ଧରିଛନ ଆରୁ ଲୋକଙ୍କୁଁ ସମ୍ବୋଧିତ କରୁଛନ । – ଇ କରନ୍‌ପାଲିର ଯେତେ ସିଆନ୍ ସୁଜନ୍ ମାନ୍‌କୁ ମୋର ଜୁହାର ଆରୁ ଖାସ୍ କରି ଭେଁଡ଼ିଆ ପିଲାମାନ୍‌କୁ ମୋର ସେନ୍‌ହୋ ଶର୍‌ଧା । ଆପଣମାନେ ଚାହେଁବାର ଆଘୋନୁଁ ଏକା ମୋର ଇ' ଗାଁ କେ ଆସ୍‌ବାର ମନ୍ ଥିଲା । ଆପଣମାନେ ଇ' ଗାଁର ସଂସ୍କୃତି ଆର୍ ପରମ୍ପରାକେ ବଁଚେଇ ରଖିବାର ଯେନ୍ ପ୍ରୟାସ୍ କରିଛନ୍, ସେଥିର ଲାଗି ମୁଇଁ ଆପଣମାନ୍‌କୁ ସାଧୁବାଦ ଜନଉଛେଁ । ମୁଇଁ ଜାନିଛେଁ ଇ ଗାଁ ଥି ଅନେକ ସମସ୍ୟା ଅଛେ । ପାନିର ସଁଗେ ଶିକ୍ଷାର ବ୍ୟବସ୍ଥା, ସ୍ୱାସ୍ଥ୍ୟର ବ୍ୟବସ୍ଥା, ରୋଡ଼ରାସ୍ତା, ବିଜ୍‌ଲି ... କେହେନ୍‌ସିଟା ବି ଠିକ୍ ଭାବେ ନେଇଁ ହେଇ ପାର୍‌ବାର । ଆପଣ୍‌ମାନକର୍ ସହଯୋଗ ରହୁ, ମୁଇଁ ଆପଣମାନକର୍ ଲାଗି ଜାନ୍‌ଜୀବନ୍ ଦେଇ କରି ଚେଷ୍ଟା କରମି । ଧନ୍ୟବାଦ୍ ।

ଏମ୍‌ଏଲ୍‌ଏ ଆଜ୍ଞା ଭାଷଣ ଦେଲା ବେଲ୍‌କେ ଲୋକ୍‌ବାକ୍ ତୁମ୍‌ତାମ୍ ପଡ଼ି ମନ୍‌ଭର୍‌ତେଲ୍ ଶୁନୁଥାଅନ୍ । ସେ କାମ୍ ହଉ କି ନେଇଁ ହଉ, ଏମ୍‌ଏଲ୍‌ଏ ଆଜ୍ଞାର ପ୍ରତିଶ୍ରୁତି ଥି ମନ୍ କେ ଭୁର୍‌ତେଇ ନଉଥାଅନ୍ ବଲ୍‌ଲୁଟି । ଭାଷଣ ସର୍‌ଲା ଉତରୁ ଏମ୍‌ଏଲ୍‌ଏ ଆଜ୍ଞା ପଲାଲେ ହରୋବଟୋ ହେଇକରି ।

ନାଚ୍ ତାମ୍‌ସା ସରି ଯାଇଛେ । ଯେ ଯେନ୍‌ତା ନିଜର ନିଜର ଘର ଆଡ଼େ ଫିରୁଥାଅନ୍ । ପାଁଚପାଲିର ଲୋକ ଆଏଜ୍ ଇ' ଢ଼ଡ଼ୋ ବରଗଛ ତଲେ । ଖଜା ମିଠେଇ ଘିନି ଲୋକ ଯେ ଯା'ର ଘର୍‌କେ ଫିରୁଥାଅନ୍ । ଇ' ଗହକି ସଉକି ଥୁ ଅଲଗ ଦିବା ବୁଢ଼ା ତା'ର ନିଜର କୁରିଆ ଆଘେ ଗୁଟେ ଗନ୍ଧୁଆ ଖଟେ ବସି ଥାଏ ତୁମ୍‌ପଡ଼ି । ତା'ର ମନ୍‌କେ ଜୁଟେଇ ନେଇଁ ପାରିଥାଇ ଏଡ଼େ ବଡ଼ ତିହାର୍ ଉଛବ୍ ଥି ନିଜ୍‌କେ ସାମିଲ୍ କର୍‌ବାର ଲାଗି । ଜୁଆନ୍ ଝି' ଟେ ତା'ର ବେମାର୍ ପଡ଼ି ମରି ଯାଇଥିସି ଦିନା କେତେ ଆଘୋନୁଁ । ଟୁକେଲର ମାଁ ଭାଲି ଭାଲି ଖାଏବାର୍ ପି'ବାର ଛାଡ଼ି ଦେଇଛେ ମେତାନ୍‌ଟା । ଯେତେବେଲେ ଦେଖିବ ଭୁତ ମେତାନ୍ ବସିଛେ ଆର୍ ତା'ର ଝି' କଜ୍‌ଲି କେ ସୋର୍ କରି କରି ଅଛ୍‌ରେ ଅଛ୍‌ରେ କାନ୍ଦୁଛେ । ଗୁଟେ ପୁଓ ଆର ଗୁଟେ ଝି' କେ ନେଇକରି ଦିବାବୁଢ଼ାର ସଁସାର । ଦୁଖ୍‌ଭୁତି କରି ପେଟ ପୁଷୁଥିଲା । ଗାଁର ଇସ୍‌କୁଲ୍ ନେ ଦୁହି ଛୁଆ ଦୁଇ ଅଖର ପଢ଼ିଥିଲେ । କଜ୍‌ଲିର ଗୋଲ୍‌ମୋଲ୍ ଚେହେରା ଜୁଆନ୍ ହେବାର୍‌କେ ଆର୍ ଆର୍ ସୁନ୍ଦର ଦିଶୁଥାଏ । କଜ୍‌ଲିର ଲମ୍‌ହାବେନିକେ ବଡ଼ା ସଉକ୍ । ତା'ର ମାଁ ରୋଜ୍ ତାକେ ଲମ୍‌ହା ବେନି ପକେଇ ଦିଏ । କଜ୍‌ଲି ବଲେ – ବା' ଗୋ, ଆମେ ଗରିବ କାଏଁ ଯେ ହେଲାଁ ଗୋ ? ଦେଖ୍ ତ, ପର୍‌ହର ଘରେ କାମ୍ କରି କରି ଆମର ଦିନ୍ ସରି ଯଉଛେ ଯେ ?

କଜ୍‌ଲି ବଡ଼ ଆଏ ସୁମନ୍ତର ଠାନୁଁ । ସେ ଗୁର୍‌ଦୁ ଭଲ୍‌ପାଏ ସୁମନ୍ତ କେ । ସୁମନ୍ତ ବେଶୀ ନେଇ ଦୁଇ ବଛର ତାର୍‌ଠାନୁ ସାନ୍ । ଦୁହି ଭାଏ ବୁହେନ୍ ସାଁଗ ମେତାନ୍ ରହୁଥିଲେ । ସୁମନ୍ତ କେତେବେଲେ କେନ୍‌ତା ବଲେ – ଏ ନାନି, ତୁଇ ବିହା ହେଲେ ଆମର୍ ଗାଁ ଶୁଇନ୍ ହେଇଯିବା ଗା' । ସଭେ ତତେ ନୁର୍‌ବେ ।' କଜ୍‌ଲି ହଁସି ଦିଏ ଆରୁ କହେ – 'ଧାଏତ୍ ବେଡ଼ା, ମୁଇଁ ତମ୍‌କୁ ମାନ୍‌କୁ ଛାଡ଼ି କରି ବିହା ନେଇଁ ହୁଏଁ ।'

ସୁମନ୍ତ ଦୁଇ ବଛର ହେଲା ପିଲାକର ସାଁଗେ ଭୁଦେଇ ଯାଇଛେ କାମ୍ କରି । ମଝି ଥି ଘାଏ ଆଇଥିଲା । ସମ୍‌କର ଲାଗି କପ୍‌ଡ଼ାଲତା ଆନିକରି ଦିନା କେତେ ଉସତ୍ ଆନନ୍ଦ ହେଇ ରହେଲା ଉତ୍‌ରୁ ଫେର୍ ଗଲା । କରନ୍‌ପାଲି ଲାଗି କରି କୁଦୋପାଲି । କୁଦୋପାଲି ନ' ସବୁ ମିଲ୍‌ସି । ହପ୍ତାକିଆ ହାଟ ବି କୁଦୋପାଲି ନ ବସ୍‌ସି । ଅସ୍‌ପତାଲ୍, ଥାନା, ବେଁକଘର, ହାଇସ୍କୁଲ ସବୁ କୁଦୋପାଲି ଠାନେ ଅଛେ । କରନ୍‌ପାଲି ନୁ କୁଦୋପାଲି ଯିବାକେ ଦୁଇ କୋଷ ବାଟ୍ । ଦିବାବୁଢ଼ା ଆଏଜ୍ ଏକ୍‌ଲା ଭେକ୍‌ଲା ମେତାନ୍ ହଉଛେ । ଯାହା ବି ହଉ ଦୁଖେ କଷ୍ଟେ ତାକର ଦିନ୍‌ଟା ଏକରକମ୍ କଟୁଥିଲା । ହେଲେ ଆଏଜ୍ ଦିବାବୁଢ଼ାର ସଁସାରଟା ବଦଲି ଯାଇଛେ । ସେ ସୁଖ ଆର ତାର ଘରେ ନାଇଁନ' । ତାର୍ ମନ ପୁଡ଼ିଜଲି ଯଉଛେ । ଆଏଜ୍ ସୁମନ୍ତକେ ଦିବାବୁଢ଼ା ବହୁତ ମନେ ପକଉଛେ । ଅଭାବେ ମୁନୁଷ କାଁଣା କରି ପକାସି । ଘର ଟିକେ ସଲ୍‌ଖିବା ବଲି ପିଲାକେ ତାର୍ ଠାନୁ ହଜାର୍ ହଜାର୍ କିଲୋମିଟିର୍ ଧୁର୍‌କେ ପଠେଇ ଦେଇଛେ । ଆଜିର୍ ଏନ୍‌ତା ସମିଆଁ ଥି ବି ପୁଓ ତାର୍ ପାଖେ ନେଇଁନ' । ଦିବାବୁଢ଼ା ଧିକ୍ କରୁଥାଏ ତାର୍ ଜୀବନ୍ କେ ।

ଦିନା କେତେ ଗଲା ଉତାରୁ ତାର ବୁହେନର୍ ମଲା ଖବର ଶୁନିକରି ସୁମନ୍ତ ଘର୍‌କେ ଆଇଥାଏ । ଦିବାବୁଢ଼ାର ଛାତିନେ ମୁଡ଼୍ ରଖିକରି ଢ଼େଣା ମୁଡ଼ା ହେଇ ଘଡ଼େ ବେଲ୍ ତକ୍ କାନ୍ଦ୍‌ଲା । ସୁମନ୍ତ ତା'ର ବୁଆକେ କହେଲା – ବା' ଗୋ, ବଡ଼ ଲୋକ ହେବୋର ଆମର ଭାଗ୍ୟେ ସିନା ନେଇଁନ', ହେଲେ ବଡ଼୍ ବେମାର ଟା ଆମର ଭାଗ୍ୟେ ଥିଲା । ମାଁ ତାର୍ ହେକେଇ ହେକେଇ କାନ୍ଦୁଥାଏ । ସୁମନ୍ତ କହୁଥାଏ ନାନି ମୋର ସାଙ୍ଗ ଲେଖେଁ ଥିଲା । ତାର୍ ବେମାରର କଥା ଥରେ ବି ମୋର ଆଘେ କେଭେ ନେଇଁ ଉଘେଇ । ଆମେ କିଛି ନେଇଁ କରିପାରୁଁ ବଲି ନାନି ତାର ବେମାର୍ କେ ଲୁକେଇ ଦେଲା ।– ମାଁ ଗୋ', ନାନି ମୋର କଲ୍‌ଜା ହଁଡ଼ା ହେଇଥିଲା ଗୋ' । ତିନ୍‌ହେଁ କଜ୍‌ଲିକେ ଭାବି ଭାବି କନ୍ଦାବୁବା ହେଲେ । ଦିନା କେତେ ଉତ୍‌ରୁ ସୁମନ୍ତ ଫେର୍ ଭୁଦେଇ ପଲାଲା । କଜ୍‌ଲିର ମାଁ ବାର୍ ବାର୍ କହୁଥାଏ – ହଏଗୋ' ସୁମନ୍ତର ବା', ତୁମେ ସୁମନ୍ତ କେ ମାନକର । ସେ କାହିଁ ଯାଏ, ମୋର ପାଖେ ପାଖେ ଏକା ରହେବା । ଇ'ନେ ଜାଁଣା ହଉ ଗୁଟେ ଧଁନ୍ଦା କର୍‌ବାନ' ।ଆମର୍ ଆରୁ କିଏ ଅଛେ କହତ' । ଯେତେ ନେଇଁହେଲେ ବି ମାଁର ମନ । ଦିବାବୁଢ଼ା କାଁଣା କହେବା ଭାବି ନେଇଁ ପାରୁଥେଇ । ତା'ର ତ' ଦିହଁର ବଫୁ ଉତ୍‌ରି ଗଲାନ' । ଘରେ ପିଲା ବସି ହେଲେ ଘର୍‌ଟେ ଚଲ୍‌ବା ହେଲେ କେନ୍‌ତା । ବଡ଼ା କଷ୍ଟେ ସୁମନ୍ତର ମାଁକେ ବୁଢ଼ା ମନାଲା । – ଦେଖି, ପୁଓ ଆମର ସବୁଦିନର ଲାଗି ନେଇଁ ପଲାବାର । ବର୍ଷେ ଅଧେ କାମ କଲା ଉତ୍‌ରୁ ଫିରି ଆଏବା । ବଏନା ଦେଇଛେ ସାଁକାର । ତା'ର ମିଆଦ୍ ସରିଗଲେ ପଏସା ପତର ଧରିକରି ପଲେଇ ଆଏବା ।

ସୁମନ୍ତ ଯିବାର ବଛରେ ଦେଖ୍‌ତେ ଦେଖ୍‌ତେ ପଲେଇ ଗଲା । ପଏସା ପତର ଯେନ୍‌ଟା ହେଲେ ଥରେ ଦୁଇଥର ଘର୍‌କେ ପଠେଇ ଦେଲା । ଦୁହି ମାଁବୁଆ ସୁମନ୍ତର ବାଟ ଦେଖୁଥି'ନ ଅଁଠିପହର । ଦିନେ ସକାଳୁ ସକାଳୁ ଭୋଲାବାବୁ ଗାଁର ସରପଁଚ ଦିବାବୁଢ଼ା ଘରେ ପହଁଚିଲେ । ଦିବାବୁଢ଼ା କାବା ହେଇକରି ଭୋଲାବାବୁକେ ଜୁହାର୍‌ଟେ କରି ଖଟେ ବସାଲା । ଭୋଲାବାବୁ ଦିବାବୁଢ଼ା କେ ଧିରଜ୍ ଦେଲେ । ହେଲେ ବୁଢ଼ାର ମନ୍ ନାଇଁ ମାନୁଥାଇଁ । ବଫୁ ଖଟେଇ କରି ପଚ୍‌ରାଲା – କେଡ଼େ କବାରେ ଆସ୍‌ଲେ ହଜୁର ? ଭୋଲାବାବୁ ଭାବି ନେଇଁ ପାରୁଥାଇଁ କେନ୍‌ତା କରି କହେବେ । ଖବରକାଗଜ ଟେ ବଢ଼େଇଦେଲେ ବୁଢ଼ାର୍ ହାତ୍‌କେ । ବୁଢ଼ା ବଏଲା– କାଁ ହେଲା ହଜୁର୍, ମୁଇଁ କେନେ ଖବର୍ କାଗଜ୍ ପଢ଼ି ଜାନ୍‌ସିଁ ଯେ ଦଉଛନ ।

ସରପଁଚ ଆଁଖିର ପାଏନ୍ ତରା ତରା କରି କହେଲେ – ଭୁଦେଇ ନେ ସିରିଏଲ୍ ବମ୍ବ୍ଲାଷ୍ଟ୍ ଥି ସୁମନ୍ତ ବି ଚାଲିଗଲା । ସରକାର ତମ୍‌କୁ ଲାଖେ ଟଁକା ଦେବାକେ ଘୋଷନା କରିଛନ ।

ଦିବାବୁଢ଼ା ମୁଡ଼୍ କେଚ୍‌ଡ଼େଇ କେଚ୍‌ଡ଼େଇ କରି ଭୋ ଭୋ କାନ୍ଦୁଥାଏ ।

# ଅବ୍ୟବସ୍ଥା ଘେରରେ କନ୍ଧପାଲି ବନ୍ଧ : ତେଜୁଛି ଜନ ଅସନ୍ତୋଷ



ବଲାଙ୍ଗିର, (କେପିଏନ୍ଏସ୍) : ବଲାଙ୍ଗିର ସହରରେ ଥିବା ବନ୍ଧ (ପୋଖରୀ)ଗୁଡ଼ିକର ଅବସ୍ଥା ଏବେ ଅସମ୍ଭାଳ ହୋଇପଡ଼ିଛି । ଉଚିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ସବୁ ଜଳାଶୟ ପ୍ରାୟତଃ ନର୍ଦ୍ଦମା ଭଳି ପଡ଼ି ରହିଥିବା ବେଳେ ଏଗୁଡ଼ିର ଜଳ ମଧ୍ୟ ଅତ୍ୟନ୍ତ ଦୁଷିତ ହେବାରେ ଲାଗିଛି । ବଲାଙ୍ଗିର ସହର ମଧ୍ୟରେ ଥିବା କନ୍ଧପାଲି ବନ୍ଧ ଏକ ବିଶାଳ ଜଳାଶୟ । କିନ୍ତୁ ଅବହେଳିତ ହୋଇ ପଡ଼ି ରହିଥିବା ଯୋଗୁଁ ଏହି ପୋଖରୀର ପାଣି ପାଣିରେ ଦେବାକୁ ମଧ୍ୟ ଲୋକେ ଘୃଣା କରନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଏମିତି ଏକ ସମୟ ଥିଲା ଯେଉଁ ସମୟରେ ଏହି ପୋଖରୀର ପାଣିକୁ ପିଇବା ପାଣି ଭାବେ ଆଖପାଖର ଲୋକେ ବ୍ୟବହାର କରୁଥିଲେ । କିନ୍ତୁ ଏବେ ଏହି ପୋଖରୀର ପାଣିରୁ ଦୁର୍ଗନ୍ଧ ବାହାରୁଛି । ସ୍ଥାନୀୟ ବୃଦ୍ଧବ୍ୟକ୍ତିମାନେ କୁହନ୍ତି, ବଲାଙ୍ଗିର ସହର ଭିତରେ ଛୋଟ ବଡ ହୋଇ ୨୭ଟି ବନ୍ଧ (ଜଳାଶୟ) ରହିଥିଲା । କନ୍ଧପାଲିପଡା ବନ୍ଧ ଏମାନଙ୍କ ମଧ୍ୟରେ ଏକ ନିର୍ଭରଯୋଗ୍ୟ ବନ୍ଧ ଭାବେ ସେତେବେଳେ ଗ୍ରହଣ ହେଉଥିବା ବେଳେ ଏହା ପ୍ରାୟ ୩୬ ଏକର ଜମିରେ ରହିଛି । ଏହି ବନ୍ଧ ବଲାଙ୍ଗିର ଜିଲ୍ଲାର ରାଜାରାଜୁଡା କାଳର ଏକ ପୁରୁଣା ଜଳାଶୟ ବୋଲି ଏଠାକାର ଲୋକ ମାନଙ୍କଠୁ ଶୁଣିବାକୁ ମିଳେ । ପୁରୁଣା ଯୁଗରେ ଏହି ବନ୍ଧର ପାଣି ଏତେ ସଫା ଥିଲା ଯେ, ବଲାଙ୍ଗିର ସହରର ଅନେକ ସ୍ଥାନରୁ ତିନି ଚାରି ହଜାରରୁ ଅଧିକ ଲୋକେ ଏହି ବନ୍ଧର ପାଣି ବ୍ୟବହାର କରୁଥିଲେ । ହେଲେ ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ଏହି ବନ୍ଧର ପାଣିକୁ ପିଇବା ପାଣି ଭାବେ ବ୍ୟବହାର କରିବା ତ' ଅଲଗା କଥା, ଲୋକେ ଗାଧୋଇବା ପାଇଁ ଇଚ୍ଛା କରୁ ନାହାନ୍ତି । ବନ୍ଧର ଆଖପାଖ ପଡା ଗୁଡିକର ନାଳ ନର୍ଦ୍ଦମା ପାଣି ତଥା ମିକ୍ସଚର ଫ୍ୟାକ୍ଟାରୀ ଆଦିର ଦୂଷିତ ପାଣି ଆସି ସବୁଯାକ ବନ୍ଧରେ ପଡୁଛି । ଯାହାଫଳରେ ବନ୍ଧର ପାଣି ଦୁର୍ଗନ୍ଧ ହେବା ସହ ଅପରିଷ୍କାର ହେଇଯାଉଛି । ଅନ୍ୟପଟେ କଇଁ ଓ ପଦ୍ମପତ୍ର ଗୁଡାକ ବନ୍ଧର ସବୁଆଡେ ମାଡି ସାରିଲାଣି, ଯାହାକି ପ୍ରଶାସନର ନଜରରେ ଆସିଥିଲେ ମଧ୍ୟ ପ୍ରଶାସନ ଚୁପ୍ ହୋଇ ବସିଛି । ସେଥିପାଇଁ ପଡା ବାସିନ୍ଦା ତଥା ଉକ୍ତ ବନ୍ଧ ଉପରେ ନିର୍ଭର କରୁଥିବା ଲୋକମାନେ ବହୁତ ଗୁଡାଏ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଏହି ବନ୍ଧର ପାଣି ଯୋଗୁଁ ପାଖରେ ଥିବା ଚାଷ ଜମି ଗୁଡିକରେ ଚାଷ କରିବା ମଧ୍ୟ ସୁବିଧା ହୁଏ । ବର୍ତ୍ତମାନ ବନ୍ଧର ଜଳଧାରଣା କ୍ଷମତା କ୍ଷୂର୍ଣ୍ଣ ହେବା କାରଣରୁ ତାହା ମଧ୍ୟ ଭଲ ଭାବେ ହେଉନାହିଁ । ଏହି ପୁରୁଣା କାଳର ବନ୍ଧର ଏଭଳି ଅବସ୍ଥା ଯୋଗୁଁ ପଡାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏହାକୁ ନେଇ ଅଂଚଳବାସୀଙ୍କ ପ୍ରତିକ୍ରିୟା ସଂପର୍କରେ ଆସନ୍ତୁ ଜାଣିବା ।




**ଶ୍ରୀମତୀ ସତ୍ୟଭାମା ନାଏକ, କନ୍ଧପାଲିପଡ଼ା**

ଏହି ବନ୍ଧର ପାଣି ଖୁବ୍ ସଫା ଥିଲା । ବିଭିନ୍ନ ପଡାର ଲୋକମାନେ ପିଇବା ପାଣି ଭାବେ ଏହି ବନ୍ଧର ପାଣିକୁ ବ୍ୟବହାର କରୁଥିଲେ । ହଜାର ହଜାର ଲୋକ ଗାଧୋଇବା ପାଇଁ ବି ଆସୁଥିଲେ । ହେଲେ ବର୍ତ୍ତମାନ ଏହି ବନ୍ଧ ପାଖକୁ ଆସିବା ପାଇଁ ଖରାପ ଲାଗିଲାଣି । ଏବେ ଦୁର୍ଗନ୍ଧମୟ ହେଇଗଲାଣି ଏହି ବନ୍ଧର ପାଣି । ପ୍ରଶାସନକୁ ଅନୁରୋଧ କରୁଛି ଯେ, ଯଥାଶୀଘ୍ର ଏଥିପ୍ରତି ଧ୍ୟାନ ଦିଅନ୍ତୁ ଓ ଉଚିତ ପଦକ୍ଷେପ ଗ୍ରହଣ କରନ୍ତୁ ।



**ଶ୍ରୀମତୀ ବୈଦେହୀ ସାହୁ, କନ୍ଧପାଲିପଡ଼ା**

ବଲାଙ୍ଗିର ସହରର ସବୁଠାରୁ ବଡ ବନ୍ଧ କହିଲେ ଏହି ବନ୍ଧକୁ ବୁଝାଏ । ରାଜାରାଜୁଡା ସମୟର ଏହି ବନ୍ଧର ଅବସ୍ଥା ଏତେ ଖରାପ ହେଇଗଲାଣି ଯେ କହିଲେ ନସରେ । ବର୍ତ୍ତମାନର ପଦ ପଦବୀରେ ଥିବା ଲୋକମାନଙ୍କ ନଜରରେ ଆସିଲେ ମଧ୍ୟ ସେମାନେ ଚୁପ୍ ହୋଇ ରହିଛନ୍ତି । ଗୁହାରୀ କରି କରି ଥକି ଯିବାକୁ ପଡୁଛି । କେହି ଶୁଣୁ ନାହାନ୍ତି । ଯଦି ଆଗକୁ ଏପରି ଅବସ୍ଥା ଲାଗିରହେ କିମ୍ବା ଅବସ୍ଥାରେ ସୁଧାର ନ ଆସେ, ତେବେ ଆଗକୁ ଜୋରଦାର୍ ଆନ୍ଦୋଳନ ହେବ ।

ପଡ଼ାବାସୀ ବାଧ୍ୟ ହୋଇ ଆଗାମୀ ସମୟରେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଏହି ଐତିହ୍ୟ ସଂପନ୍ନ ପୋଖରୀର ପୁନଃ ଉଦ୍ଧାର ପାଇଁ ଲଢ଼େଇ କରିବାକୁ ପଦକ୍ଷେପ ନେବେ ।

**ହରିଶଙ୍କର ସାଏ, କନ୍ଧପାଲିପଡ଼ା**

ଏହି ବନ୍ଧ ପ୍ରାୟ ୩୬ ଏକର୍ ଜମିକୁ ନେଇ ରାଜରାଜୁଡା ଶାସନରୁ ନିର୍ମାଣ କରାଯାଇଥିଲା । ବନ୍ଧ ଉପରେ ବିଭିନ୍ନ ପଡାବାସୀ ନିର୍ଭର କରନ୍ତି । କିନ୍ତୁ ବଡ ଦୁଃଖର କଥା ଯେ, ବନ୍ଧକୁ ଆଖପାଖ ସ୍ଥାନର ନାଳ ନର୍ଦ୍ଦମାର ପାଣି ପଶି ଆସୁଛି । ଯେଉଁଥି ପାଇଁ ବର୍ତ୍ତମାନ ଏହି ବନ୍ଧର ପାଣି ବ୍ୟବହାର ଯୋଗ୍ୟ ନୁହେଁ । ବ୍ୟବହାର କଲେ କୌଣସି ରୋଗରେ ଆକ୍ରାନ୍ତ ହେବାର ମଧ୍ୟ ସମ୍ଭାବନା ରହିଛି ।

ବନ୍ଧର ପୁନଃଉଦ୍ଧାର ପାଇଁ ପ୍ରଶାସନକୁ ବହୁବାର କୁହାଯାଇଛି । ହେଲେ ଶୁଣୁ ନାହିଁ ପ୍ରଶାସନ । ଯଦି ବନ୍ଧ ସମସ୍ତ ପଦ୍ମ ଓ କଇଁ ପତ୍ର ଗୁଡାକ ସଫା କରି ଦିଆଯାଏ ଏବଂ ଆଖପାଖ ଅଚଂଳର ନାଳ ନର୍ଦ୍ଦମା ପାଣି ପାଇଁ ଅଲଗା ବ୍ୟବସ୍ଥା କରାଯାଏ, ତାହେଲେ ଏହି ବନ୍ଧ ପରିଷ୍କାର ପରିଛନ୍ନ ହେବ ଏବଂ ଅନେକ ଲୋକଙ୍କ ବ୍ୟବହାରରେ ଆସିବ ।

**ଚିନ୍ତାମଣି ସାହୁ, କନ୍ଧପାଲିପଡ଼ା**

ପୂର୍ବ ପୁରୁଷାରୁ ଆମେ ଏହି ବନ୍ଧକୁ ବ୍ୟବହାର କରି ଆସୁଥିଲୁ । କିନ୍ତୁ ଏହି ବନ୍ଧର ପାଣି ୪ରୁ ୫ ବର୍ଷ ହେଲା ଏତେ ଅପରିଷ୍କାର ହେଇଗଲାଣି ଯେ, ଏହା ଏବେ ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ । ଏହି ବନ୍ଧ ଯୋଗୁଁ ସ୍ଥାନୀୟ ତଥା ଆଖପାଖର ଲୋକେ ଉପକୃତ ହୋଇ ପାରୁଥିଲେ । ପ୍ରଶାସନ ଏହି ବନ୍ଧର ପୁନଃଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରୁଛି ।

**କେଶବ ନାଏକ, କନ୍ଧପାଲିପଡ଼ା**


ବନ୍ଧକୁ ଲାଗି ରହିଥିବା ମିକ୍ସଷ୍ଟର ଫ୍ୟାକ୍ଟେରୀରୁ ଆବର୍ଜନା ପାଣି ଆସି ବନ୍ଧର ପାଣି ଖରାପ କରୁଛି । ସେଥିପାଇଁ ବହୁବାର ପ୍ରଶାସନକୁ ଅନୁରୋଧ କରାଯାଇଛି, ଅଥଚ କିଛି ଲାଭ ମିଳିନି । ପ୍ରଶାସନ ସବୁ ଜାଣିଶୁଣି ଚୁପ୍ ରହିଥିବା ସହ ଦୋଷୀ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି । ଆମେ ଯୁବ ପିଢି ମିଶି ବନ୍ଧକୁ ସଫା କରିଥିଲୁ । ହେଲେ ବନ୍ଧରେ ଥିବା ପଦ୍ମ ଓ କଇଁ ପତ୍ର ପୁଣି ମାଡ଼ି ଯାଇ ସାରିଲାଣି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଆମେ ଦାବୀ କରୁଛୁ ।

**ଲକ୍ଷ୍ମୀ ପ୍ରସାଦ ନନ୍ଦ, କନ୍ଧପାଲିପଡ଼ା**

ବନ୍ଧର ପାଣି ଏତେ ଭଲ ଥିଲା ଯେ, କାହିଁ କେତେ ଦୂରରୁ ଏଠାକୁ ସ୍ତ୍ରୀ ଲୋକମାନେ ପାଣି ନେବା ପାଇଁ ଆସୁଥିଲେ । ହେଲେ ଆଜିକାଲି ସେ ପାଣି ଟିକାକ ଆମ ପାଇଁ ସାତ ସପନ ପାଲଟିଛି । ବନ୍ଧର ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରୁଛି ।

**ଚନ୍ଦ୍ରଶେଖର ଠେଲା, କନ୍ଧପାଲିପଡ଼ା**

ବନ୍ଧକେ ସଫା ସୁତ୍ରା ରଖବାର୍ ଆମର କାମ, ଯାହାକି ଆମେ ପାଳନ କରୁଛୁଁ । ହେଲେ କିଛି ବଡ୍ ବଡ୍ ଲୋକମାନେ ତାକର୍ ଅସ୍କଟିଆ ପାଏନ୍ ଛାଡୁଛନ୍ । ସେଥିର୍ ଲାଗି ବନ୍ଧର ପାଏନ୍ ଗନ୍ଧି ଯାଉଛେ । ପ୍ରଶାସନ ଇ' ବନ୍ଧ ଉପ୍‌ରେ ନଜର୍ ଦଉନ୍ ଆର୍ ଇତାର ସୁରକ୍ଷା ଦାୟିତ୍ୱ ଗ୍ରହଣ କରୁନ୍ ।

# ଦକ୍ଷିଣ କୋଶଳର ପ୍ରାଚୀନ ଇତିହାସ...(ଦ୍ୱିତୀୟ ପୃଷ୍ଠାରୁ)

ଆମେ ପୂର୍ବରୁ ଉଲ୍ଲେଖ କରି ସାରିଛୁଁ ଯେ, ଶରଭପୁରୀୟ ରାଜବଂଶର ପତନ ପରେ ତିବରଦେବ ଶ୍ରୀପୁର ରାଜଧାନୀରୁ କୋଶଳକୁ ରାଜତ୍ୱ କରିବା ଦ୍ୱାରା ପାଣ୍ଡୁବଂଶ ଅଥବା ସୋମବଂଶ ନାମରେ ପରିଚିତ ଏକ ନୂତନ ଗୌରବଶାଳୀ ରାଜବଂଶର ଅଭ୍ୟୁଦୟ ହୋଇଥିଲା । ଏହି ରାଜବଂଶର ପ୍ରତିଷ୍ଠାତା ତିବରଦେବଙ୍କ ଠାରୁ ଆରମ୍ଭ କରି ମହାଶିବ ଗୁପ୍ତ ବାଳାର୍ଜୁନଙ୍କ ପର୍ଯ୍ୟନ୍ତ ସମସ୍ତ ସୋମବଂଶୀ ରାଜା ଏହି ଶ୍ରୀପୁର ରାଜଧାନୀରେ ଅଧିଷ୍ଠିତ ହୋଇଥିଲେ । ସମ୍ଭବତଃ କଳଚୂରୀ ରାଜବଂଶ ଦ୍ୱାରା ବିତାଡ଼ିତ ହୋଇ ବାଳାର୍ଜୁନଙ୍କ ପରବର୍ତ୍ତୀ ସୋମବଂଶୀ ରାଜା ମହାଭବଗୁପ୍ତ ଆଧୁନିକ ଓଡ଼ିଶାର ପଶ୍ଚିମାଞ୍ଚଳରେ ଶାସନ ପ୍ରାରମ୍ଭ କଲେ । ଏହାଙ୍କ ଦ୍ୱାରା ରାଜତ୍ୱର ଏକାଦଶ ବର୍ଷରେ କିଶେରକେଲ୍ଲା ରାଜଧାନୀରୁ ଏକ ତାମ୍ରଶାସନ ଉଦ୍‌ଘୋଷିତ ହୋଇଥିଲା । ଏହି କିଶେରକେଲ୍ଲାକୁ ବଲାଙ୍ଗୀର ସହରର ପୂର୍ବଦିଗରେ ପ୍ରାୟ ୬ ମାଇଲ୍ ଦୂରରେ ଅବସ୍ଥିତ ଆଧୁନିକ କିଶରକେଲ୍ଲା ସହ ପରିଚିହ୍ନିତ କରାଯାଇ ପାରିଛି । ଏହି ରାଜାଙ୍କର ଆଉ ଏକ ତାମ୍ର ଶାସନ ବରଗଡ ଜିଲ୍ଲାରୁ ରୁଚିଦା ଗ୍ରାମରୁ ମିଳିଅଛି । ଏଥିରେ ଭଗବାନ ପୁରୁଷୋତ୍ତମଙ୍କୁ ବନ୍ଦନା କରାଯାଇଥିବା ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଆଧୁନିକ ସୋନପୁର-ବଉଦ ଅଞ୍ଚଳକୁ ନେଇ ଭଞ୍ଜମାନେ ଏକ ରାଜ୍ୟ ଗଠନ କରି ତାର ନାମକରଣ କରିଥିଲେ ଖିଞ୍ଜାଳି ମଣ୍ଡଳ । ସୋମବଂଶୀ ରାଜାମାନେ ଭଞ୍ଜମାନଙ୍କୁ ବିତାଡ଼ିତ କରି ସୁବର୍ଣ୍ଣପୁର ଅଞ୍ଚଳ କରଗତ କରିଥିବାର ସଠିକ ସମୟ ପ୍ରଦାନ କରିବାକୁ ଆଜି ପର୍ଯ୍ୟନ୍ତ ନିର୍ଭରଯୋଗ୍ୟ ଐତିହାସିକ ଉପାଦାନ ମିଳିନାହିଁ । ତେବେ, ଅଭିଲେଖୀୟ ବିବରଣୀକୁ ଆଧାର କରି ଏହା ନିଶ୍ଚିତ ଭାବରେ ମତ ପ୍ରଦାନ କରାଯାଇପାରେ ଯେ, ପ୍ରଖ୍ୟାତ ସୋମବଂଶୀ ରାଜା ଜନମେଜୟ ମହାଭବ ଗୁପ୍ତ (ଖ୍ରୀ.୮୫୦-୮୮୫)ଙ୍କ ଅଭିଷେକ ଉତ୍ସବ ସୁବର୍ଣ୍ଣପୁରରେ ସମ୍ପନ୍ନ ହୋଇଥିଲା । ସେ କୋଶଳେନ୍ଦ୍ର ଉପାଧି ଗ୍ରହଣ କରିଥିଲେ । ଏହି କାଳରୁହିଁ ସୋନପୁର ଅଞ୍ଚଳ କୋଶଳ ସାମ୍ରାଜ୍ୟରେ ସମ୍ମିଳିତ ହେଲା । ମୁରସୀମା ପତ୍ତନ (ପାଟଣା ଅଞ୍ଚଳରେ ଜରାସିଂହା ନିକଟସ୍ଥ ମୁରସିଂହ) ଏବଂ ଆରାମ କଟକ (ବିନିକା ନିକଟସ୍ଥ ରାମପୁର) ଜନମେଜୟଙ୍କ ଅନ୍ୟତମ ରାଜନୈତିକ ଅଧିଷ୍ଠାନ ଥିଲା ମାତ୍ର ସୁବର୍ଣ୍ଣପୁର ଥିଲା ଶ୍ରେଷ୍ଠ ରାଜଧାନୀ । ଏହି ସୋମବଂଶୀ ମାନେ ପ୍ରାରମ୍ଭରେ ଓଡ଼ିଶାର ପଶ୍ଚିମାଞ୍ଚଳରେ ରାଜତ୍ୱ କରି କାଳକ୍ରମେ ଆଧୁନିକ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ ନିଜର ଶାସନାଧୀନ କରିପାରିଥିଲେ । ଓଡ଼ିଶାର ଇତିହାସ-ସଂସ୍କୃତି, କଳା-ସ୍ଥାପତ୍ୟ, ଲିପି-ଭାଷା ଏବଂ ଧର୍ମ ଧାରଣା ଆଦିକୁ ଏମାନଙ୍କ ଦାନ ଅତୁଳନୀୟ । ଐତିହାସିକ ବିଜୟଚନ୍ଦ୍ର ମଜୁମ୍‌ଦାର୍ ଏମାନଙ୍କୁ ସର୍ବପ୍ରଥମେ ଓଡ଼ିଶାର ନିର୍ମାତା (Makers of Orissa) ରୂପେ ଅଭିହିତ କରିଥିବା ଏକାନ୍ତ ଯୁକ୍ତିଯୁକ୍ତ । ଏହି ବଂଶର ସର୍ବଶ୍ରେଷ୍ଠ ଶାସକ ଚଣ୍ଡୀହର ଯଯାତି (ଖ୍ରୀ. ୧୦୨୩-୧୦୪୦) ନିଜ ସାମ୍ରାଜ୍ୟକୁ ଶାସନର ସୁବିଧା ନିମନ୍ତେ କୋଶଳ ଏବଂ ଉତ୍କଳ ଦୁଇଟି ରାଜ୍ୟରେ ବିଭକ୍ତ କରିବାରୁ ସୁବର୍ଣ୍ଣପୁର ପୁନର୍ବାର କୋଶଳର ରାଜଧାନୀ ରୂପେ ପ୍ରତିଷ୍ଠିତ ହେଲା ଏବଂ କୋଶଳର ଶାସନ ପରିଚାଳନା ନିମନ୍ତେ ଜଣେ ବଂଶୀୟ ରାଜକୁମାର ସୁବର୍ଣ୍ଣପୁର ରାଜଧାନୀରେ ନିଯୁକ୍ତ ହେଲେ । ଉଲ୍ଲେଖଯୋଗ୍ୟ ଯେ, ଯଯାତିଙ୍କ ରାଜ୍ୟାଭିଷେକ ଉତ୍ସବ ମଧ୍ୟ ତେଲ-ମହାନଦୀର ସଙ୍ଗମରେ ଅବସ୍ଥିତ ସୁବର୍ଣ୍ଣପୁର ରାଜଧାନୀରେ ସମ୍ପନ୍ନ ହୋଇଥିଲା । ରାଜତ୍ୱର ତୃତୀୟ ବର୍ଷରେ ଯଯାତି ସୁବର୍ଣ୍ଣପୁର ରାଜଧାନୀରୁ ଏକ ତାମ୍ର ଶାସନ ଘୋଷଣା କରିଥିଲେ ।

ଜନମେଜୟଙ୍କ ଠାରୁ ଆରମ୍ଭକରି ଓଡ଼ିଶାର ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କ ପର୍ଯ୍ୟନ୍ତ ସମସ୍ତ ସୋମବଂଶୀ ରାଜା ନିଜକୁ "ପରମ ମାହେଶ୍ୱର'' ଅର୍ଥାତ ଶୈବଧର୍ମୀ ରୂପେ ଉଦ୍‌ଘୋଷିତ କରିଥିଲେ ହେଁ ଧର୍ମ କ୍ଷେତ୍ରରେ ଏମାନେ ଉଦାର ନୀତି ଗ୍ରହଣ କରିଥିବା ଏହି ରାଜବଂଶର ଅଭିଲେଖ ଗୁଡ଼ିକର ଅଧ୍ୟୟନରୁ ସ୍ପଷ୍ଟ ରୂପେ ପ୍ରକଟିତ ହୋଇଥାଏ ।

ପାଟଣା ଅଞ୍ଚଳର ରାଣୀପୁର ଝରିଆଲ୍ ଠାରେ ପ୍ରତିଷ୍ଠିତ ମନ୍ଦିର ସମୂହ ଯେ ସୋମବଂଶୀ ରାଜାମାନଙ୍କର ଅକ୍ଷୟକୀର୍ତ୍ତି ତାହା ନିଃସନ୍ଦେହରେ କୁହାଯାଇପାରେ । ଏହିଠାରେ ନିର୍ମିତ ହୋଇଥିବା ବୌଦ୍ଧ, ଶାକ୍ତ, ଶୈବ, ବୈଷ୍ଣବ ଏବଂ ଜୈନ କୀର୍ତ୍ତିମାନ ଏହି ଅଞ୍ଚଳର ତଥା ସୋମବଂଶୀଙ୍କର ଉଦାରଧର୍ମୀୟ ଭାବନାର ଜ୍ୱଳନ୍ତ ଉଦାହରଣ । ରାଣୀପୁର ଝରିଆଲର ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ପ୍ରସ୍ତର ମୂର୍ତ୍ତି ସଂପ୍ରତି ହରିଶଙ୍କର ଠାରେ ସଂରକ୍ଷିତ । ରାଣୀପୁର-ଝରିଆଲ୍‌ର ଚଉଷଠି ଯୋଗିନୀ ମନ୍ଦିର ସମଗ୍ର ଭାରତବର୍ଷର ନଅଗୋଟି ଏତାଦୃଶ ମନ୍ଦିର ମଧ୍ୟରେ ଅନ୍ୟତମ ହୋଇଥିବା ତାତ୍ପର୍ଯ୍ୟପୂର୍ଣ୍ଣ । ଏହା କୌଳ ସଂପ୍ରଦାୟର ତନ୍ତ୍ର ସାଧନାର ଅନ୍ୟତମ କ୍ଷେତ୍ର ଥିଲା । ପାଟଣାଗଡ଼ର ସୌମେଶ୍ୱର ଶିବମନ୍ଦିର, ସୈନ୍ତଳାର ପ୍ରାଚୀନ ବିଷ୍ଣୁ ମନ୍ଦିର, ଦଶପୁରର ସୁରୁଡ଼ାର ଶିବ ମନ୍ଦିର, କୁଶଙ୍ଗର ମନ୍ଦିର, ବୈଦ୍ୟନାଥର କୋଶଳେଶ୍ୱର ମନ୍ଦିର ସୋମବଂଶୀ ମାନଙ୍କ ଅମର ଅବଦାନ । ଏସବୁରେ ଏହି ଅଞ୍ଚଳର ଏକ ଉନ୍ନତ କଳାଶୈଳୀ ପ୍ରସ୍ଫୁଟିତ । ଏହାକୁ ଆମେ କୋଶଳୀ ଶୈଳୀ ରୂପେ ନାମିତ କରିଅଛୁଁ । ଉଲ୍ଲେଖଯୋଗ୍ୟ ଯେ, ସୋମବଂଶୀ ରାଜତ୍ୱ କାଳରେ କୋଶଳରେ ଏକ ସ୍ୱତନ୍ତ୍ର ଶୈଳୀର ମନ୍ଦିର (Stellate temple) ନିର୍ମିତ ହୋଇଥିଲା; ଏହାର ଭିତ୍ତି ଅଷ୍ଟକୋଣୀ ତାରକା ସଦୃଶ । ଏତାଦୃଶ ମନ୍ଦିର ଅଧୁନାତନ ଛତିଶଗଡ଼ ଏବଂ ପଶ୍ଚିମ ଓଡ଼ିଶାର ବଉଦ, ବୁଢ଼ିକୋମନା ଏବଂ ରାଣୀପୁର ଝରିଆଲ୍ ନିକଟସ୍ଥ କଅଁଶିଲ ଠାରେ ପରିଦୃଷ୍ଟ ହୋଇଥାଏ । ଏହା କୋଶଳ ବ୍ୟତୀତ ଅନ୍ୟତ୍ର ପରିଦୃଷ୍ଟ ହୁଏ ନାହିଁ ।

ଏହି କାଳରେ ଓଡ଼ିଆ ଭାଷା ଏବଂ ଲିପିର ଗଠନର ସୂତ୍ରପାତ ହୋଇଥିଲା । ସୋନପୁର-ପାଟଣା ଅଞ୍ଚଳରୁ ମିଳୁଥିବା ସୋମବଂଶୀୟ ଅଭିଲେଖ ଗୁଡ଼ିକର ଭାଷା ସଂସ୍କୃତ ହୋଇଥିଲେ ସୁଦ୍ଧା ଅନେକତ୍ର ଅନେକ ନିରୋଳ ଓଡ଼ିଆ ଶବ୍ଦର ବ୍ୟବହାର ପରିଲକ୍ଷିତ ହୋଇଥାଏ । ଏହି ଅଞ୍ଚଳର ଦୁଇଗୋଟି ଅଭିଲେଖରେ କେତୋଟି ଅକ୍ଷରର ଉର୍ଦ୍ଧ୍ୱଭାଗ ବର୍ତ୍ତୁଳାକାର ଧାରଣ କରିଥିବା ଲିପିତତ୍ତ୍ୱ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ସମୟରେ ଏକ ଉନ୍ନତ ତଥା ଆଦର୍ଶ ଶାସନ ପ୍ରଣାଳୀ ପ୍ରଚଳିତ ହୋଇଥିବାର ନିଶ୍ଚିତ ଭାବରେ କୁହାଯାଇପାରେ । ସ୍ଥୂଳତଃ ଏତିକି କୁହାଯାଇପାରେ ଯେ, ସୋମବଂଶୀ ରାଜତ୍ୱକାଳ କେବଳ କୋଶଳ କାହିଁକି ସମଗ୍ର ଓଡିଶା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ।

ନୂତନ ଭାବେ ଆବିଷ୍କୃତ ଏବଂ ସଂପ୍ରତି ଭବାନୀପାଟଣା ମ୍ୟୁଜିୟମ୍‌ରେ ସଂରକ୍ଷିତ ତାମ୍ରଶାସନର ଅଧ୍ୟୟନରୁ ଜଣାପଡ଼ିଥାଏ ଯେ, ଜନମେଜୟଙ୍କ ପୂର୍ବରୁ ତେଲ ଉପତ୍ୟକାରେ ରାଷ୍ଟ୍ରକୂଟ ରାଜବଂଶର ରାଜତ୍ୱ ରାଜା ତୃକୁରୀସାରଦେବ ଓରଫ ଭାନୁଦେବଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିଲା ଏବଂ ଏହାଙ୍କ ରାଜଧାନୀ ଟିଟିଲାଗଡ଼ ନିକଟସ୍ଥ ଉଦୟପୁରରେ ସ୍ଥାପିତ ହୋଇଥିଲା । ଶଂସିତ କାଳରେ ସୂର୍ଯ୍ୟୋପାସନା ଏହି ଅଞ୍ଚଳରେ ଲୋକପ୍ରିୟ ଥିବା ନିଶ୍ଚିତ ଭାବେ କୁହାଯାଇପାରେ ।

ପରବର୍ତ୍ତୀ ସମୟରେ ଏହି ରାଷ୍ଟ୍ରକୂଟ ବଂଶର ରାଜା ମୁଗ୍‌ଧଗୋନ୍ଦଳ ଦେବ ତେଲ ଉପତ୍ୟକାରେ ସୋମବଂଶୀ ରାଜା ଜନମେଜୟ (ଖ୍ରୀ.୮୫୦-୮୫)ଙ୍କ ସାମନ୍ତ ରାଜା ରୂପେ ଶାସନ କରୁଥିବା ତରଭା ଦେଗାଁ ତାମ୍ର ଶାସନରୁ ସ୍ପଷ୍ଟ ରୂପେ ପ୍ରତିପାଦିତ ହୋଇଥାଏ । ରାଷ୍ଟ୍ରକୂଟ ଶାସନ ସଂବନ୍ଧରେ ଏହି ପୁସ୍ତକରେ ଏକ ସ୍ୱତନ୍ତ୍ର ପ୍ରବନ୍ଧ ଉପସ୍ଥାପିତ ହୋଇଅଛି ।

ପ୍ରାୟ ୧୦୬୦ ଖ୍ରୀ. ରେ ଚକ୍ରକୋଟ ମଣ୍ଡଳର ଅଧିପତି ଛିନ୍ଦକ ନାଗବଂଶୀ ରାଜାଙ୍କର ତେଲୁଗୁଚୋଡ଼ ସେନାପତି ଯଶୋରାଜଦେବ ସୁବର୍ଣ୍ଣପୁର ସୋମବଂଶୀ ରାଜକୁମାରଙ୍କୁ ନିହତ କରି ସୋନପୁର - ପାଟଣା ଅଞ୍ଚଳ କରଗତ କଲେ । ଏହି ରାଜବଂଶ ଦ୍ୱାରା ଉଦ୍‌ଘୋଷିତ ତିନିଗୋଟି ମାତ୍ର ତାମ୍ରଶାସନ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରିଛି । ତାମ୍ରଶାସନ ତ୍ରୟ ସୁବର୍ଣ୍ଣପୁର ରାଜଧାନୀରୁ ପ୍ରଦତ୍ତ ହୋଇଅଛି । ଶଂସିତ ରାଜାମାନେ ନିଜକୁ "ସକଳ କୋଶଳାଧିଶ୍ୱର" ରୂପେ ଅଭିହିତ କରିଥିବା ତାତ୍ପର୍ଯ୍ୟପୂର୍ଣ୍ଣ ।

ପାଟଣାଗଡ଼ ସ୍ଥିତ ସୋମେଶ୍ୱର ଶିବ ମନ୍ଦିର ନିକଟସ୍ଥ ଏକ ମୁକ୍ତ ବେଦୀର ପାବଚ୍ଛରେ ଏହି ରାଜବଂଶର ଏକ ଶିଳାଲେଖ ରହିଛି । ସୋମେଶ୍ୱର ଶିବଙ୍କଠାରେ ପ୍ରତ୍ୟହ ପୁଷ୍ପମାଲ୍ୟ ଅର୍ପଣ ସକାଶେ ଜଣେ ମାଳକାରକୁ ପାଟଣା ଦଣ୍ଡପାଟର ଘସରାନି ଗ୍ରାମ ରାଜା ସେମେଶ୍ୱରଦେବଙ୍କ ଦ୍ୱାରା ଦାନ କରାଯାଇଥିବା ଏଥିରେ ଉଲ୍ଲିଖିତ । ଉପରୋକ୍ତ ସୋମେଶ୍ୱରଦେବଙ୍କୁ ତେଲୁଗୁଚୋଡ଼ ରାଜା ସୋମେଶ୍ୱରଦେବ ଦ୍ୱିତୀୟ ଏବଂ ଘସରାନି ଗ୍ରାମକୁ ପାଟଣାଗଡ଼ ନିକଟସ୍ଥ ଘଷିଏନ୍ ସହ ଚିହ୍ନିତ କରାଯାଇଛି । ସେହି କାଳରେ ପାଟଣାଗଡ଼କୁ କେନ୍ଦ୍ରକରି ପାଟଣାଦଣ୍ଡପାଟ ନାମକ ଏକ ପ୍ରଶାସନିକ ବିଭାଗ ସଂଘଟିତ ହୋଇଥିଲା ।

ତେଲୁଗୁଚୋଡ଼ମାନେ କୋଶଳର ପୂର୍ବାଞ୍ଚଳରେ ରାଜତ୍ୱ କରୁଥିବା ସମୟରେ ଏହାର ପଶ୍ଚିମାଞ୍ଚଳ ଅର୍ଥାତ ଅଧୁନାତନ ଛତିଶଗଡ଼ ଅଞ୍ଚଳ କଳଚୂରୀମାନଙ୍କ ଶାସନାଧୀନ ହୋଇଥିଲା । ତେଲୁଗୁଚୋଡ଼ମାନଙ୍କ ଅଧୀଶ୍ୱର ଛିନ୍ଦକନାଗ ବଂଶର ଚକ୍ରକୋଟ ମଣ୍ଡଳ ଓଡ଼ିଶାର କୋରାପୁଟ ଏବଂ ମଧ୍ୟପ୍ରଦେଶର ବସ୍ତର୍ ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ସମଗ୍ର କୋଶଳର ଅଧିପତି ହେବା ନିମନ୍ତେ ଉଭୟ ଶକ୍ତି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଲା । ପରିଶେଷରେ ରତ୍ନପୁରର କଳଚୂରୀ ରାଜ ଜାଜଲ୍ଲଦେବ ପ୍ରଥମ (ଖ୍ରୀ. ୧୦୯୦ - ୧୧୨୦) ପ୍ରଥମେ ଛିନ୍ଦକନାଗବଂଶୀ ରାଜାଙ୍କୁ ପରାସ୍ତ କରି ପରେ ସୁବର୍ଣ୍ଣପୁର ମଧ୍ୟ କରଗତ କଲେ । ଏହା ଫଳରେ ପ୍ରାୟ ଏକଶହବର୍ଷ ପର୍ଯ୍ୟନ୍ତ ଏହି ଅଞ୍ଚଳ କଳଚୂରୀ ରାଜବଂଶର ଶାସନାଧୀନ ହେଲା । ଏହି କାଳରେ ଗଙ୍ଗ ବଂଶୀ ସମ୍ରାଟ ଚୋଡ଼ଗଙ୍ଗଦେବ ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ଗାଦିଚ୍ୟୁତ କରି ଉତ୍କଳର ଶାସନ ଦାୟିତ୍ୱ ସ୍ୱହସ୍ତରେ ଗ୍ରହଣ କଲେ । ଏହାଦ୍ୱାରା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଚୋଡଗଙ୍ଗଦେବଙ୍କ ସାମ୍ରାଜ୍ୟ ପରିବ୍ୟାପ୍ତ ହେଲା । ସୋମବଂଶୀଙ୍କ ଉତ୍କଳ ଅଧିକାର କରି ଚୋଡ଼ଗଙ୍ଗ ସନ୍ତୁଷ୍ଟ ହୋଇ ରହିପାରିଲେ ନାହିଁ, ସେ ସୋମବଂଶୀଙ୍କ ଆଧିରାଜ୍ୟ ଅର୍ଥାତ୍ ପଶ୍ଚିମାଞ୍ଚଳ କରଗତ କରିବା ସକାଶେ ଉଦ୍ୟମ ଅବ୍ୟାହତ ରଖିଲେ । ଏହାଦ୍ୱାରା ଗଙ୍ଗ ଏବଂ କଳଚୂରୀମାନଙ୍କ ମଧ୍ୟ ଶତାଧିକ ବର୍ଷ ଯୁଦ୍ଧ ଲାଗି ରହିଲା । କଳଚୂରୀମାନଙ୍କ ଦ୍ୱାରା ଚୋଡଗଙ୍ଗଦେବ ଏବଂ ତାଙ୍କ ପୁତ୍ର ପରାଜିତ ହୋଇଥିବା କଳଚୂରୀ ଅଭିଲେଖ ଗୁଡ଼ିକରେ ସ୍ପଷ୍ଟ ରୂପେ ଉଲ୍ଲିଖିତ । ତ୍ରୟୋଦଶ ଶତାବ୍ଦୀର ପ୍ରାରମ୍ଭରେ ଅଳ୍ପ ବୟସ୍କ, ଅନିଭିଜ୍ଞ ତଥା ଦୁର୍ବଳମନା ରାଜା ପ୍ରତାପମଲ୍ଲ କଳଚୂରୀ ସିଂହାସନରେ ଅଭିଷିକ୍ତ ହେଲେ; ଏହା ପୂର୍ବ ପରାଜୟର ଉପଯୁକ୍ତ ପରିଶୋଧ ନେବା ପାଇଁ ଗଙ୍ଗମାନଙ୍କୁ ଅପୂର୍ବ ସୁଯୋଗ ପ୍ରଦାନ କଲା । ପରିଶେଷରେ ଗଙ୍ଗବଂଶୀୟ ରାଜା ଅନଙ୍ଗଭୀମଦେବ ତୃତୀୟଙ୍କ ପ୍ରବଳ ପରାକ୍ରାନ୍ତ ସେନାପତି ବିଷ୍ଣୁ ଯୁଦ୍ଧରେ କଳଚୂରୀ ରାଜା ପ୍ରତାପମଲ୍ଲଙ୍କୁ ପରାସ୍ତ କଲେ; ଯଦ୍ୱାରା ପଶ୍ଚିମାଞ୍ଚଳ ଗଙ୍ଗ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହେଲା ଏବଂ ସୋନପୁର-ପାଟଣା-ସମ୍ବଲପୁର ଆଦି ପଶ୍ଚିମାଞ୍ଚଳ ଗଙ୍ଗ ସାମ୍ରାଜ୍ୟର ପଶ୍ଚିମ ଦେଶ ରୂପେ ଅଭିହିତ ହୋଇ ପ୍ରାରମ୍ଭରେ ଏହାର ରାଜଧାନୀ ସୁବର୍ଣ୍ଣପୁରଠାରେ ପ୍ରତିଷ୍ଠିତ ହୋଇଥିଲା । ସୋନପୁର-ପାଟଣା ଅଞ୍ଚଳରୁ ବହୁଗୁଡିଏ କଳଚୂରୀ ଏବଂ ଗଙ୍ଗ ସ୍ୱର୍ଣ୍ଣମୁଦ୍ରା ଆବିଷ୍କୃତ ହୋଇପାରିଛି । ପଶ୍ଚିମାଞ୍ଚଳର ଶାସନ ପରିଚାଳନା ନିମନ୍ତେ ପ୍ରଶାସକ ଗଣ ନିଯୁକ୍ତ ହେଲେ । ପଶ୍ଚିମ ଅଞ୍ଚଳ କରଗତ କଲାପରେ ଅନଙ୍ଗଭୀମଦେବ ଭଗବାନ ପୁରୁଷୋତ୍ତମ - ଜଗନ୍ନାଥଙ୍କୁ ସମଗ୍ର ସାମ୍ରାଜ୍ୟର ସମ୍ରାଟ ରୂପେ ଅଭିହିତ କରି ସେ ନିଜକୁ ପୁରୁଷୋତ୍ତମଙ୍କ ପୁତ୍ର ତଥା ରାଉତ ଭାବରେ ଘୋଷଣା କଲେ । ଏହାଦ୍ୱାରା ପୁରୁଷୋତ୍ତମ ଜଗନ୍ନାଥ ରାଷ୍ଟ୍ର ଦେବତା ରୂପେ ପ୍ରକଟିତ ହେଲେ ଏବଂ ଜଗନ୍ନାଥ ଧର୍ମ ଲୋକଧର୍ମରେ ପରିଣତ ହେଲା; ଶାସନରେ ତାଙ୍କର ସର୍ବମୟ କର୍ତ୍ତୃତ୍ୱ ସ୍ୱୀକୃତ ହେଲା । ଜଗନ୍ନାଥଙ୍କୁ କେନ୍ଦ୍ରକରି ଯେଉଁ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଜୀବନାଦର୍ଶ ଏହି ଭୂଖଣ୍ଡରେ ଗଢ଼ି ଉଠିଲା ତାହା ପରବର୍ତ୍ତୀ କାଳରେ ଓଡ଼ିଶା ମାଟିର ଜନଜୀବନକୁ ଓତପ୍ରୋତ ଭାବରେ ପ୍ରଭାବିତ କରିଥିଲା । ଯଦିଓ ଗଙ୍ଗ ପରବର୍ତ୍ତୀ କାଳରେ ଏହାର ମାନଚିତ୍ର ପୁନର୍ବାର ଖଣ୍ଡ - ବିଖଣ୍ଡ ହୋଇଗଲା, ସେହି ସାଂସ୍କୃତିକ ଐକ୍ୟର ଧାରାଟି ପ୍ରବହମାନ ହୋଇ ରହିଲା ।

ପରବର୍ତ୍ତୀ ସମୟରେ ଗଙ୍ଗରାଜାମାନେ ବହିଃଶତ୍ରୁ ବିଶେଷତଃ ମୁସଲ୍‌ମାନ ଆକ୍ରମଣ ଯୋଗୁଁ ବ୍ୟତିବ୍ୟସ୍ତ ହୋଇପଡ଼ି ପଶ୍ଚିମ ଓଡ଼ିଶାର ଶାସନ ପ୍ରତି ଧ୍ୟାନ ଦେଇ ପାରିଲେ ନାହିଁ । ଗଙ୍ଗରାଜାଙ୍କ ଏତାଦୃଶ ଉଦାସୀନତାର ସୁଯୋଗ ନେଇ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାର କେତେକ ରାଜବଂଶ ଗଙ୍ଗରାଜାଙ୍କ ଆନୁଗତ୍ୟକୁ ଅସ୍ୱୀକାର କରି ଛୋଟ ଛୋଟ ରାଜ୍ୟମାନ ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ପାଟଣାର ଚୌହାନ, ସୋନପୁର-ବଉଦର ଭଞ୍ଜ, ବଣାଇର କାଦମ୍ବ ଏବଂ ଗାଙ୍ଗପୁରର ପରମାର ରାଜବଂଶ ଅନ୍ୟତମ ।

ପାଟଣାଠାରେ ରମାଇଦେବ ଚୌହାନ ରାଜତ୍ୱ ପ୍ରାରମ୍ଭ କରିବା ପୂର୍ବରୁ ଏଠାରେ ଗଙ୍ଗାରାଜବଂଶ ଦ୍ୱାରା ପ୍ରଶାସକ ମାନ ନିଯୁକ୍ତ ହେଉଥିଲେ । ଏମାନଙ୍କୁ କୋଶଳାନନ୍ଦ ମହାକାବ୍ୟରେ ମଣ୍ଡଳେଶ୍ୱର ତଥା ମନ୍ତ୍ରୀ ରୂପେ ବର୍ଣ୍ଣନା କରାଯାଇଛି । ଏହି ମଣ୍ଡଳେଶ୍ୱର ମାନଙ୍କ ସମ୍ବନ୍ଧରେ ବିସ୍ତୃତ ତଥା ପ୍ରାମାଣିକ ତଥ୍ୟ ପ୍ରଦାନ କରିବାପାଇଁ ସେଭଳି ସନ୍ତୋଷଜନକ ତଥ୍ୟ ମିଳିନାହିଁ । ଐତିହାସିକ ରାମଚନ୍ଦ୍ର ମଲ୍ଲିକ ଶେଷ ସମୟର କେଇଜଣ ପ୍ରଶାସକଙ୍କ ବିବରଣୀ ନିମ୍ନମତେ ପ୍ରଦାନ କରିଛନ୍ତି ।

"ରାମେଶ୍ୱରଦେବ, ହରିନାଥ ଦେବ, କୃତ୍ତିବାସଦେବ ଏବଂ କୃତ୍ତିବାସଙ୍କ ରାଣୀ ହେମନ୍ତ କୁମାରୀ ଏହି ସମୟରେ ପାଟଣା ଅଞ୍ଚଳରେ ରାଜତ୍ୱ କରୁଥିଲେ । ରାମେଶ୍ୱରଦେବଙ୍କ ରାଜଧାନୀ ଥିଲା ତ୍ରିତଳଗଡ଼ ବା ଟିଟିଲାଗଡ଼ । ହରିନାଥଦେବଙ୍କ ରାଜଧାନୀ ଥିଲା ରାଣୀପୁର ଝରିଆଲ, ହରିନାଥ ଦେବ ରାଣୀପୁର ଝରିଆଲ୍ ଛାଡ଼ି ପାଟଣାଗଡ଼କୁ ରାଜଧାନୀ କରିଥିଲେ । ଅଳ୍ପଦିନ ରାଜତ୍ୱପରେ କୃତ୍ତିବାସ ଅପୁତ୍ରିକ ହୋଇ ମୃତ ହେବାରୁ ରାଣୀ ହେମନ୍ତ କୁମାରୀ ଆଠଜଣ ମହଲ୍ଲିକଙ୍କ ସାହାଯ୍ୟରେ ପାଟଣା ଶାସନ କରୁଥିଲେ । ଚକ୍ରଧର ପାଣିଗ୍ରାହୀ ଏହି ମହଲ୍ଲିକ ମଣ୍ଡଳର ମୁଖ୍ୟ ବା ପ୍ରଧାନ ଥିଲେ ।''

ଏହି କାଳରେ ପାଟଣାଗଡ଼ ଅଞ୍ଚଳରେ ନିମ୍ନମତେ ଆଠଗୋଟି ଗଡ଼ ଥିବାର ମେଜରଇମ୍ପେ ୧୮୬୩ ଖ୍ରୀ:ରେ ପ୍ରସ୍ତୁତ କରିଥିବା ବିବରଣୀରେ ପ୍ରଦାନ କରିଛନ୍ତି: ୧) ପାଟଣାଗଡ଼, ୨) ସାଲେଭଟା, ୩) କନ୍ ଗାଁଓ ଗଡ଼, ୪)ଜରାସିଂହା ଗଡ଼, ୫) ସିନ୍ଧେକେଲାଗଡ଼, ୬)କୋହ୍ଲନ ଗଡ଼, ୭) ରୋରାଗଡ଼ ଏବଂ ୮) କୋମନାଗଡ଼ । ରାଣୀ ହେମନ୍ତ କୁମାରୀଙ୍କ ମୃତ୍ୟୁ ପରେ ଏହି ମହଲ୍ଲିକ ବୃନ୍ଦ ଚକ୍ରଧର ପାଣିଗ୍ରାହୀଙ୍କର ନେତୃତ୍ୱରେ ପାଳି କରି ପାଟଣା ରାଜ୍ୟକୁ ଶାସନ କରୁଥିବାର ଉଲ୍ଲିଖିତ । ଏହି ମହଲ୍ଲିକ ମାନଙ୍କ ଏତାଦୃଶ ଶାସନର ଅବସାନ କରି ରମାଇଦେବ ପାଟଣା ଠାରେ ଚୌହାନ ରାଜତ୍ୱର ପ୍ରତିଷ୍ଠା କରିଥିବା ବିଷୟକ ମତ ସମସ୍ତ ସ୍ତରରୁ ସ୍ୱୀକୃତ ହୋଇଥାଏ । ତାଙ୍କର ପାଟଣା ସିଂହାସନ ଆରୋହଣ ସମ୍ବନ୍ଧରେ ଐତିହାସିକ ମହାକାବ୍ୟ "କୋଶଳାନନ୍ଦ'' ଏବଂ "ଜୟଚନ୍ଦ୍ରିକା''ରେ ଦୁଇ ପ୍ରକାର କାହାଣୀ ବର୍ଣ୍ଣିତ । ଶଂସିତ କ୍ଷୁଦ୍ର ପ୍ରବନ୍ଧରେ ତାର ବିସ୍ତୃତ ଆଲୋଚନା କରାଯିବାର ଅବକାଶ ନାହିଁ ।

ରମାଇଦେବଙ୍କ ପରେ ପାଟଣା ରାଜ୍ୟ ଦିନକୁ ଦିନ ସମୃଦ୍ଧ ହେବାରେ ଲାଗିଲା । ପାଟଣାର ଚତୁର୍ଥ ଚୌହାନ ରାଜା ବୈଜଳଦେବଙ୍କ ନରସିଂହନାଥ ମନ୍ଦିର ଶିଳାଲେଖ ଓଡ଼ିଆ ଭାଷା ଏବଂ ଲିପିର କ୍ରମବିକାଶ କ୍ଷେତ୍ରରେ ଅତୀବ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । ଶିଳାଲେଖଟିରେ ପ୍ରଦତ୍ତ ତିଥି, ବାର, ସମ୍ବତ୍ସର ଆଦିର ଗଣନା ପୂର୍ବକ ଏହା ତା:୧୭ ମାର୍ଚ୍ଚ ୧୪୧୩ ଖ୍ରୀଷ୍ଟାବ୍ଦରେ ଉଦ୍‌ଘୋଷିତ ହୋଇଥିବାର ନିଶ୍ଚିତ ଭାବରେ କୁହାଯାଇପାରେ । ପ୍ରଣିଧାନର ବିଷୟ ଯେ, ଏହାର ପରବର୍ତ୍ତୀ କାଳରେ ସୂର୍ଯ୍ୟବଂଶୀ ଗଜପତି ରାଜାମାନେ ଏହି ଭାଷା ଏବଂ ଲିପିକୁ ବ୍ୟବହାର କରିଛନ୍ତି । କାଳକ୍ରମେ ଏହି ଚୌହାନ ରାଜବଂଶ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିବାରେ ସମର୍ଥ ହୋଇପାରି ଥିଲେ; ଯାହାକି ପ୍ରାଚୀନ ଦକ୍ଷିଣ କୋଶଳ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ପରିବ୍ୟାପ୍ତ ହୋଇ ପାରିଥିଲା । ଖ୍ରୀ. ୧୬୬୪ରେ ସମ୍ବଲପୁରର ଚୌହାନ ରାଜା ବଳୀୟାର ସିଂହଙ୍କ ସଭାପଣ୍ଡିତ ଗଙ୍ଗାଧର ମିଶ୍ର ଚୌହାନ ସାମ୍ରାଜ୍ୟର ଐତିହାସିକ ବିବରଣୀକୁ ସଂସ୍କୃତ ଭାଷାରେ ରଚନା କରି ତାର ନାମକରଣ କରିଥିଲେ "କୋଶଳାନନ୍ଦ" । ଉଲ୍ଲେଖଯୋଗ୍ୟ ଯେ, ଏହି କାବ୍ୟର ଅନେକ ସ୍ଥାନରେ ଚୌହାନ ସାମ୍ରାଜ୍ୟକୁ କୋଶଳ ରୂପେ ତଥା ଅନ୍ୟ କେତେକ ସ୍ଥଳରେ ଦକ୍ଷିଣ କୋଶଳ ରୂପେ ବର୍ଣ୍ଣନା କରାଯାଇଛି ।

ପଣ୍ଡିତ ଗଙ୍ଗାଧର ମିଶ୍ର ତତ୍କାଳୀନ କୋଶଳର ଏକ ଚିତ୍ତାକର୍ଷକ ଭୌଗୋଳିକ ବର୍ଣ୍ଣନା ପ୍ରଦାନ କରିବାକୁ ଯାଇ ସମଗ୍ର ରାଜ୍ୟକୁ ଏକ ହସ୍ତୀରୂପେ ଉଲ୍ଲେଖ କରି ପାଟଣାକୁ ସେହି ହସ୍ତୀ ରୂପକ ରାଜ୍ୟର ପୃଷ୍ଠଦେଶ ରୂପେ ଅଭିହିତ କରି ଦେବୀ ପାଟଣେଶ୍ୱରୀଙ୍କୁ ସର୍ବାଶା ପୂରଣକାରୀ ରୂପେ ବନ୍ଦନା କରିଛନ୍ତି:

'ପତ୍ତନଂ' ପୃଷ୍ଠମେତତ୍ତ ଦେବ ରାଜ୍ୟସ୍ୟ ଦନ୍ତିନଃ<br>
ଅତୋଽତ୍ର ନଗରେ ରାଜଧାନୀ ନୀତି ବିଦାଂମତେ ॥

× × × × × × × × × ×

ସର୍ବାଶା ପୂରଣକାରୀ ଶଙ୍କରୀ ପଟ୍ଟନେଶ୍ୱରୀ,

ଏହି କାବ୍ୟରୁ ସ୍ପଷ୍ଟ ରୂପେ ଜଣାପଡ଼େ ଯେ, ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ମୁସଲ୍‌ମାନ ଆକ୍ରମଣ ସମୟରେ ଚୌହାନ ସାମ୍ରାଜ୍ୟର ସାମରିକ ଶକ୍ତିର ଅଯାଚିତ ସାହାଯ୍ୟ ଫଳରେ ଖୁରୁଧାର ଭୋଇ ବଂଶ ଧ୍ୱଂସମୁଖରୁ ରକ୍ଷା ପାଇପାରିଲେ; ନଚେତ୍ ଓଡ଼ିଶା ନବନାମ୍ବୁଧିରେ ନିମଜ୍ଜିତ ହୋଇ ରହିଥାନ୍ତା ଏବଂ ତାର ନେତୃତ୍ୱ ନେଇଥିଲେ ଚୌହାନ ରାଜା ବଳରାମଦେବ ।

ଗଡ଼ଜାତ ମିଶ୍ରଣ ପର୍ଯ୍ୟନ୍ତ ପାଟଣା - ବଲାଙ୍ଗୀର, ଖରିଆର ଏବଂ ସୋନପୁର ରାଜଧାନୀରୁ ଏହି ଚୌହାନ ରାଜବଂଶର ରାଜତ୍ୱ ଅକ୍ଷୁଣ୍ଣ ରହିଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପୂର୍ବରୁ ସୋନପୁର, ଖଡ଼ିଆଳ ଏବଂ ବଲାଙ୍ଗୀର-ପାଟଣା ଦରବାର ଓଡ଼ିଆ ଭାଷା ଏବଂ ସାହିତ୍ୟର ଉନ୍ନତି କଳ୍ପେ ଯେଉଁସବୁ ମହନୀୟ ଉଦ୍ୟମ କରିଛନ୍ତି ତାହା ଏ ଯୁଗରେ ଯଥୋଚିତ ସ୍ୱୀକୃତି ଲାଭକରି ପାରି ନଥିବା ଅତ୍ୟନ୍ତ ପରିତାପର ବିଷୟ ।

ସ୍ଥୂଳତଃ ଏତିକି କୁହାଯାଇପାରେ ଯେ, ପ୍ରାଗ୍ ଐତିହାସିକ ଯୁଗରୁ ପଶ୍ଚିମ ଓଡ଼ିଶାରେ ଏକ ଉନ୍ନତ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ଯୋଗୀମଠ, ସମ୍ବଲପୁର ଜିଲ୍ଲାର ଉଲାପଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଉଷାକୋଠି; ସୁବର୍ଣ୍ଣପୁର ଜିଲ୍ଲାର ପୂଜା ଡୁଙ୍ଗୁରୀ ତଥା ମାଣିକଡ଼ାର ପ୍ରାଗ୍ ଐତିହାସିକ ଚିତ୍ରାବଳୀକୁ ନେଇ ଆଜି ଓଡ଼ିଶା ଭାରତବର୍ଷର ପ୍ରାଗୈତିହାସିକ କଳା ସ୍ଥାପତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ପାଇ ପାରିଛି । ସେହିପରି ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ବିକ୍ରମ ଖୋଲ୍ ତଥା ଅନ୍ୟାନ୍ୟ ସ୍ଥାନର ପ୍ରାଗୈତିହାସିକ ଶିଳାଲେଖର ପାଠୋଦ୍ଧାର ହୋଇ ପାରିଲେ ଏହି ଅଞ୍ଚଳର ଇତିହାସ ସହସ୍ର ବର୍ଷ ପଛକୁ ଫେରିଯାଇ ପାରିବ । ଇତିହାସ ପର୍ଯ୍ୟାଲୋଚନାରୁ ଏହା ସ୍ପଷ୍ଟ ରୂପେ ପ୍ରତିପାଦିତ ହୁଏ ଯେ, ପ୍ରାଚୀନ କାଳରୁ କୋଶଳ (ପଶ୍ଚିମ ଓଡ଼ିଶା) ସହିତ କଳିଙ୍ଗ (ଉପକୂଳ ଓଡ଼ିଶା)ର ସାଂସ୍କୃତିକ ତଥା ରାଜନୈତିକ ସମ୍ପର୍କ ଅତି ଘନିଷ୍ଠ ଥିଲା ଏବଂ ପ୍ରତ୍ୟେକ କ୍ଷେତ୍ରରେ ଏକ ଅନ୍ୟର ପରିପୂରକ ଭାବେ ବିବେଚିତ ହେଉଥିଲା, ଯଦିଓ ଅନେକ ସମୟରେ ଉଭୟ ଅଞ୍ଚଳ ଏକ ଶାସନାଧୀନ ନଥିଲା । ଓଡ଼ିଶାର ଇତିହାସ - ସଂସ୍କୃତି, ଭାଷା ସାହିତ୍ୟ ପର୍ଯ୍ୟାଲୋଚନା କଲା ସମୟରେ ଏହାର କୌଣସି ଅଞ୍ଚଳର ଐତିହ୍ୟକୁ ଅବହେଳା କଲେ ଓଡ଼ିଶାର ଇତିହାସ ଯେ ବିକଳାଙ୍ଗ ତଥା ବିଭ୍ରାନ୍ତିକର ହୋଇଯିବ ତାହା ସୁନିଶ୍ଚିତ ।





Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha

For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂନ୍ଦ୍ର ସାହୁ

Editor : Ananda Chandra Sahu